# ଏକକ-୨ ଭାରତୀୟ ଭାଷା

ଟିପ୍ପଣୀ

## ସଂରଚନା


୨.୦ ଉପକ୍ରମ

୨.୧ ଶିକ୍ଷଣ ଉଦ୍ଦେଶ୍ୟ

୨.୨ ଭାରତରେ ଭାଷାଗତ ବିବିଧତା

୨.୨.୧ ଭାରତର ଭାଷାଗତ ବିବିଧତାର ଏକ ଚିତ୍ର

୨.୨.୨ ଭାରତରେ ଭାଷାର ପରିବାର ଏବଂ ଭାରତ ଗୋଟିଏ ଭାଷାଗତ ଅଞ୍ଚଳ

୨.୩ ଭାଷାଗୁଡିକ ବିଷୟରେ ଭାରତୀୟ ସମ୍ବିଧାନ କ'ଣ କହିଛି ?

୨.୪ ଭାରତର ଭାଷାଗୁଡିକର ଶ୍ରେଣୀ ବିଭାଗୀ କରଣ

୨.୪.୧ ଅନୁସୂଚିତ ଭାଷା

୨.୪.୨ ଆଞ୍ଚଳିକ ଭାଷା ଏବଂ ମାତୃଭାଷା

୨.୪.୩ ପୁରାତନ ଭାଷା / ଶାସ୍ତ୍ରୀୟ ଭାଷା

୨.୪.୪ ଭାଷା ଓ ଉପ ଭାଷା ଭିତରେ କ'ଣ ପ୍ରଭେଦ ଅଛି ?

୨.୫ ଭାରତରେ ହିନ୍ଦୀର ମର୍ଯ୍ୟାଦା

୨.୬ ଭାରତରେ ଇଂରାଜୀର ମର୍ଯ୍ୟାଦା

୨.୭ ଭାରତରେ ଭାଷା ଶିକ୍ଷା ନୀତି (Language Education Policy) ବିଭିନ୍ନ କମିଟି ଓ ଆୟୋଗର ବ୍ୟବସ୍ଥା, ତ୍ରିଭାଷୀ ସୂତ୍ର (Three Language Formula,) ଜାତୀୟ ପାଠ୍ୟକ୍ରମ ରୂପରେଖ (National Curriculum Framework - ୨୦୦୫)

୨.୮ ସାଂରାଶ

୨.୯ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

୨.୧୦ ପାଠାନ୍ତ ପ୍ରଶ୍ନାବଳୀ



ଟିପ୍ପଣୀ

ତୁମେ ଏହି ଗୀତଟି ଶୁଣିଥିବ । ଇଂରାଜୀରେ କୁହନ୍ତି – I LOVE YOU

ଗୁଜୁରାଟୀରେ କୁହନ୍ତି – ତେନେ ପ୍ରେମ୍ କର୍ ଚୁନ୍

ବଙ୍ଗଳାରେ  କୁହନ୍ତି - ଆମି ତୁମକେ ଭାଲୋ ବାସି

ଏବଂ ପଞ୍ଜାବୀରେ କୁହନ୍ତି – ତେରେ ବିନା ମର୍ ଜାଓ୍ୱା, ମେ ତେନୁ ପ୍ୟାର କରନା, ତେରେ ଜୈୟୋ ନୈୟୋ ଲବନା

ଭାରତରେ ଏହି ପ୍ରକାରର ଗୀତର କେବଳ ଗୋଟିଏ ସୁକ୍ଷ୍ମ ବିବିଧତା ଏବଂ ଭାଷାର ତାରଲ୍ୟତା ଅଛି । ତୁମେ ବହୁତ ଗୁଡ଼ିଏ ଉଦାହରଣ  ଚିନ୍ତା କର ଯେଉଁଟି ତୁମେ ଲକ୍ଷ୍ୟ କରିଛ ଯେ ଅନେକ ପ୍ରକାର ଭାଷାର ଗୋଟିଏ ସମାନ ସ୍ଥାନ ଏବଂ ଗୋଟିଏ ସମାନ ସମୟରେ ବ୍ୟବହାର ହୋଇଥାଏ । ଦିଲ୍ଲୀର ଗୋଟିଏ ତେଲୁଗୁ ପରିବାରର ବିବାହ ଉତ୍ସବ ବିଷୟରେ କଳ୍ପନା କର ଯେଉଁଠାରେ କି ଗୋଟିଏ ସମାନ ଉତ୍ସବରେ ହିନ୍ଦୀ, ଉର୍ଦ୍ଦୁ, ଦକ୍ଷିଣୀ, ତେଲୁଗୁ, ଇଂରାଜୀ ଏବଂ ସଂସ୍କୃତ ଶବ୍ଦର ବ୍ୟବହାର ଦେଖାଯାଏ ।

ଭାରତରେ କେତେ ଭାଷା କଥିତ ହେଉଛି ବୋଲି ତୁମେ ଚିନ୍ତା କରୁଛ ? ଅତି କମ୍‌ରେ ୧୫-୨୦ ନାମ ତୁମ ମନକୁ ନିହାତି ଆସିବ । ଯାହା ହେଉ ଏହାର ସଂଖ୍ୟା ବହୁତ କମ୍ । ଏହାର ତାଲିକା ବହୁତ ଅଧିକ ଏବଂ ଏଥିରେ ମଧ୍ୟ ବହୁତ ଛୋଟ ଛୋଟ ତାଲିକାକୁ ଅନ୍ତର୍ଭୁକ୍ତ । ତଥ୍ୟ ଅନୁସାରେ ଏହା ବିଶ୍ୱାସଯୋଗ୍ୟ ଯେ ବିଶ୍ୱରେ ୫୦୦୦ କଥିତ ଭାଷା ଅଛି କିନ୍ତୁ ଭାରତରେ ତିନିଭାଗରୁ ଭାଗେ କଥିତ ଭାଷାର ବ୍ୟବହାର କରାଯାଉଛି । ତେଣୁ ଭାରତରେ ୧୬୦୦ କଥିତ ଭାଷାର ପ୍ରଚଳିତ ଅଛି । ଏହି ଏକକରେ ଆମେ ଆମର ବହୁଭାଷୀ ପରମ୍ପରା ବିଷୟରେ ଅଧିକ ଜାଣିବା ।

ବିଂଶ ଶତାବ୍ଦୀରୁ ବର୍ତ୍ତମାନ ପର୍ଯ୍ୟନ୍ତ ଭାଷାଗତ ବିବିଧତା  ଗୋଟିଏ ସମସ୍ୟା ବୋଲି ବିଚାରକୁ ନିଆଯାଉଥିଲା ଏବଂ ଏହି ସମସ୍ୟାର ସମାଧାନ ପାଇଁ । ଅନେକ ପଦକ୍ଷେପ ନିଆଯାଇଛି ତାହା ସତ୍ତ୍ୱେ ମଧ୍ୟ ଅତୀତରେ କିଛି ବର୍ଷ ପାଇଁ ଏହି ଭାଷାଗତ ବିବିଧତାକୁ ଗୋଟିଏ ପରମ୍ପରା ଭାବେ ବିଚାରକୁ ନିଆଯାଇଛି ଏବଂ ସମାଜ ଓ ଏହି ପରମ୍ପରା ଯୋଗୁ ବ୍ୟକ୍ତି ବିଶେଷଙ୍କ ଭାଷାର ବିକାଶ ପାଇଁ କେତେକ ପଦକ୍ଷେପ ନିଆଯାଇଛି । ଏତଦ୍‌ବ୍ୟତିତ ଆମେ ମଧ୍ୟ ଏହି ବିଷୟ ଉପରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା । ଏତଦ୍ ବ୍ୟତୀତ ଆମେ ମଧ୍ୟ ଭାରତର ଭାଷା ଶିକ୍ଷା ନୀତି ବିଷୟରେ ଆଲୋଚନା କରିବା ସହିତ ଭାଷା ଆଧାରିତ ବିଭିନ୍ନ ସାମ୍ବିଧାନିକ ବ୍ୟବସ୍ଥା ବିଷୟ ବିଚାରକୁ ନେବା ।

ଭାରତ ଗୋଟିଏ ବହୁଭାଷୀ ଦେଶ ଅଟେ । ଏହା ବ୍ୟତୀତ ହିନ୍ଦୀ ଏବଂ ଇଂରାଜୀ ଆମ ଦେଶରେ ଏକ ସୁସ୍ପଷ୍ଟ ସ୍ଥାନ ଦଖଲ କରିଛି । ତେଣୁ, ଅତୀତ ଏବଂ ସାଂପ୍ରତିକ ପରିପ୍ରେକ୍ଷୀରେ ଏହି ଭାଷାଗୁଡିକର ଭୂମିକା ବୁଝିବା ଅତ୍ୟନ୍ତ ଆବଶ୍ୟକ ।

## ୨.୧ ଶିକ୍ଷଣ ଉଦ୍ଦେଶ୍ୟ

ଏହି ଏକକ ପଠନ ପରେ, ଆପଣ;

- ଭାରତର ଭାଷାଗତ ବିବିଧତା କୁ ବୁଝିପାରିବେ ।
- ଭାରତର ଭାଷାଗତ ବିବିଧତାକୁ ବିଶ୍ଳେଷଣ କରିପାରିବେ ।
- ଭାରତ ବିଭିନ୍ନ ଭାଷାଭାଷୀର ଦେଶ ବୋଲି ବୁଝି ପାରିବେ ।
- ବିଭିନ୍ନ ବର୍ଗର ଭାଷାଗୁଡିକ ସହିତ ସୁପରିଚିତ ହେବା ସହିତ :- ଅନୁସୂଚିତ ଭାଷା, ମାତୃଭାଷା, ଶାସ୍ତ୍ରୀୟ ଭାଷା ଏବଂ ଉପଭାଷା ଇତ୍ୟାଦି ସମ୍ବଳରେ କରିପାରିବେ ।
- ଭାଷା ଉପରେ ଶିକ୍ଷାନୀତି ନେଇଥିବା ବିଭିନ୍ନ ପଦକ୍ଷେପ ସମ୍ବନ୍ଧରେ କହିବେ ।
- ଇଂରାଜୀ ଏବଂ ହିନ୍ଦୀର ଅତୀତ ଏବଂ ବର୍ତ୍ତମାନ ସ୍ଥିତିକୁ ବୁଝିବେ ।

## ୨.୨ ଭାଷାଗତ ବିବିଧତା

### ୨.୨.୧ ଭାରତର ଭାଷାଗତ ବିବିଧତାର ଗୋଟିଏ ଛବି:

ତୁମେ ଅଧିକାଂଶ ସମୟରେ "ଏକତାରେ ବିଭିନ୍ନତା"ବାକ୍ୟାଂଶ ଟିକୁ ଶୁଣିଥିବ । ଭାରତ ପାଇଁ ଏହି ମନୋଭାବ ସମ୍ପୂର୍ଣ୍ଣ ସତ୍ୟ ଅଟେ । ଆମେ ବିଭିନ୍ନ ପ୍ରକାରର ବିଭିନ୍ନତା ଭାରତରେ ଦେଖିଛେ, ଉଦାହରଣ ସ୍ୱରୂପ ଖାଦ୍ୟାଭ୍ୟାସ, ପୋଷାକ ଏବଂ ବେଶଭୂଷା, ଧର୍ମ, ପରମ୍ପରା ଇତ୍ୟାଦି । ବିଶ୍ୱର ବିଭିନ୍ନ ସ୍ଥାନରେ ଏହି ପ୍ରକାରର ବିଭିନ୍ନତା ସାଧାରଣତଃ ଦେଖାଯାଏ । ଏତଦ୍‌ବ୍ୟତୀତ, କେବଳ ଭାରତରେ ଏହି ଭାଷାଗତ ବିଭିନ୍ନତା ଦେଖାଯାଏ କିନ୍ତୁ ବିଶ୍ୱର ଅନ୍ୟ ସ୍ଥାନରେ ଏହା ଦେଖିବାକୁ ମିଳେ ନାହିଁ ।

ଭାରତରେ ୧୬୦୦ ଭାଷାଠାରୁ ଅଧିକ ଭାଷା କୁହାଯାଏ ଏବଂ ସେହି ଭାଷାଗୁଡିକ ୪ଟି ବିଭିନ୍ନ ଭାଷା ପରିବାରର ଅନ୍ତର୍ଭୁକ୍ତ ଏହି ଭାଷାଗତ ବିଭିନ୍ନତା ଯୋଗୁ ଭାରତକୁ ବହୁଭାଷୀ ଦେଶ ମଧ୍ୟ କୁହାଯାଏ । ତଥ୍ୟ ଅନୁସାରେ ବହୁଭାଷୀକରଣ ଭାରତୀୟ ଏକ ଅନ୍ତର୍ନିହିତ ଅଂଶ ଅଟେ । ୧୯୬୧ ଭାରତ ଭାଷା ଜନଗଣନା ଠାରୁ ଭାରତର ବହୁଭାଷୀକରଣର ଗୋଟିଏ ମିଶ୍ରିତ ଛବି ଆମେ ଦେଖିବାକୁ ପାଉ । ଏହି ଜନଗଣନା ସମୟରେ ୧୬୫୨ଟି ମାତୃଭାଷାକୁ ଚିହ୍ନଟ କରାଯାଇଥିଲା ଏବଂ ପରବର୍ତ୍ତୀ ସମୟରେ ସେଗୁଡିକୁ ୧୯୩ଟି ଭାଷାରେ ଶ୍ରେଣୀଭୁକ୍ତ କରାଗଲା । ଭାରତରେ ବହୁଭାଷୀକରଣର

ଟିପ୍ପଣୀ

ମଧ୍ୟ ବହୁତଗୁଡିଏ ଦିଗ ଅଛି । ବହୁଭାଷୀକରଣର ଗୋଟିଏ ଦିଗ ହେଉଛି ଆମ ସମ୍ବିଧାନର ଅଷ୍ଟମ ଅନୁସୂଚୀ ଯେଉଁଥିରେ ୨୨ଟି ଭାଷାକୁ ସ୍ୱୀକୃତି ପ୍ରଦାନ କରାଯାଇଛି । ବାସ୍ତବରେ ଏହୀ ଭାଷାଗୁଡିକ ଭାରତରେ କେତେଗୁଡିଏ ଗୁରୁତ୍ୱପୂର୍ଣ୍ଣ ଭାଷା । ଆମର ସ୍ୱାଧୀନତା ସମୟରେ ଏହି ଅନୁସୂଚୀ କେବଳ ୧୪ଟି ଭାଷା ମଧ୍ୟରେ ସୀମିତ ଥିଲା । ୧୪ ରୁ ୨୨ କୁ ଭାଷାର ବୃଦ୍ଧିକୁ ଆମ ବହୁଭାଷୀକରଣର ଏକ ପ୍ରମାଣ ମିଳିଥାଏ ଏବଂ ପ୍ରତ୍ୟେକ ଲୋକ ନିଜ ଭାଷା ସହିତ ବାନ୍ଧି ହୋଇ ରହିଛନ୍ତି । ଆମ ବହୁଭାଷୀକରଣର ଆଉ ଏକ ପ୍ରମାଣ ହେଉଛି ଆମର ସମ୍ବାଦପତ୍ର, ଦୂରଦର୍ଶନ, ରେଡିଓ, ସ୍କୁଲ, କାର୍ଯ୍ୟାଳୟ ଏବଂ ଅଦାଲତରେ ବ୍ୟବହାର କରାଯାଉଥିବା ବିଭିନ୍ନ ପ୍ରକାରର ଭାଷା । ସେହିପରି, ଭାରତୀୟ ବହୁଭାଷୀକରଣର ବହୁତଗୁଡିଏ ଅନ୍ୟ ଦିଗ ଅଛି ।

କେତେକ ଲୋକେ ଏହାକୁ ବିଶ୍ୱାସ କରନ୍ତି ଯେ ଏକଭାଷୀକରଣ ଏକ ପ୍ରକାର କୃତି କିନ୍ତୁ ବହୁଭାଷୀକରଣ ଗୋଟିଏ ସମସ୍ୟା ଏବଂ ନିମ୍ନଗାମୀ କରାଇବା ପାଇଁ ଏହା ଏକ ଚିହ୍ନକାରୀ । ଏହାଛଡା ଭାରତରେ ବହୁଭାଷୀକରଣ ଗୋଟିଏ ସମସ୍ୟା ନୁହେଁ । ଉଭୟ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ ତଥ୍ୟ ଅନୁସାରେ ଏହା ଆମ ପାଇଁ ଏକ ସମ୍ବଳ ଏବଂ ଆମ ସାଂସ୍କୃତିକ ପ୍ରାଚୁର୍ଯ୍ୟର ଏକ ଅଭିବ୍ୟକ୍ତି । ବହୁଭାଷୀକରଣ ମଧ୍ୟ ହେଉଛି ଏକ ସମ୍ବଳ କାରଣ ଯେଉଁ ଲୋକ ଗୋଟିଏ ଭାଷାରୁ ଅଧିକ ଭାଷା ଜାଣିଛି ସେ କେବଳ ଭାଷାର ପାରଦର୍ଶୀ ବ୍ୟବହାରକାରୀ ନୁହେଁ ବରଂ ସମାଜରେ ତାଙ୍କର ମତ ମଧ୍ୟ ଅଧିକ ସମ୍ବେଦନଶୀଳ ଏବଂ ସହିଷ୍ଣୁ ଅଟେ । "ବହୁଭାଷୀକରଣର ଅତ୍ୟଧିକ ନିବିଡ ସମ୍ପର୍କ ଅଛି ଭାଷା ନିପୁଣତା, ପାଠ ସଂକ୍ରାନ୍ତୀୟ ଉପଲବ୍ଧି, ବୋଧମକ୍ତିର ନମନୀୟତା ଏବଂ ସାମାଜିକ ସହିଷ୍ଣୁତା ଇତ୍ୟାଦି ସହିତ" । (Agnihotri, 2007)

ବହୁଭାଷୀକତା ଗୋଟିଏ ସମସ୍ୟା ନୁହେଁ ବରଂ ଭାରତ ପାଇଁ ଏହା ଶକ୍ତିର ସ୍ରୋତ । "ଏହା ଭାରତୀୟ ଲୋକଙ୍କ ପାଇଁ ସ୍ୱାଭାବିକ ଏବଂ ଲୋକଙ୍କର ଗୋଷ୍ଠୀ ମଧ୍ୟ ବିଭିନ୍ନ ଭାଷାକୁ ଗ୍ରହଣ କରିଛି ଏବଂ ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ଭାଷାଗୁଡିକ ସହିତ ମୁକ୍ତ ଆଦାନ ପ୍ରଦାନ ନୀତିକୁ ଅନୁମତି ଦେଉଛି । ଏହା ଆଶ୍ଚର୍ଯ୍ୟଜନକ ନୁହେଁ ଯଦି ତୁମେ ଦେଖିବ ଯେ ଗୋଟିଏ ବାଳକ ତାର ଅଭିଭାବକଙ୍କ ସହିତ ଭୋଜପୁରୀ ଭାଷାରେ କଥା ହେଉଥିବ, ତାର ପୁରୁଣା ସାଙ୍ଗ ସହିତ ଭୋଜପୁରୀ ବା ହିନ୍ଦୀରେ, ତାର କଲେଜ ସାଙ୍ଗ ସହିତ ହିନ୍ଦୀ ବା ଇଂରାଜୀ ଏବଂ ସମସ୍ତ ଅଫିସ୍ କାର୍ଯ୍ୟ ଇଂରାଜୀରେ କରୁଥିବ । ତଥ୍ୟ ଅନୁସାରେ, ଅଧିକାଂଶ ସ୍ଥାନରେ ଆମେ ଦୁଇ ବା ଅଧିକ ଭାଷା ଏକା ସାଙ୍ଗରେ ବ୍ୟବହାର କରାଯାଉଥିବାର ଦେଖିଛେ । ଏହି ପ୍ରକ୍ରିୟା ଯୋଗୁ ଭାଷା ଅଧିକ ମୂଲ୍ୟବାନ୍ ହୋଇପାରିଛି" । (Agnihotri, 2000, p-36)

ଏହି ଆଲୋଚ୍ୟ ବିଷୟରେ ସୁଭରାଓ କହିଛନ୍ତି, "ଯଦିଓ ଭାରତୀୟ ଭାଷାଗୁଡିକର ଆକୃଷ୍ଟ ମୁଖମଣ୍ଡଳ ନିଜ ନିଜ ଠାରୁ ପୃଥକ୍ ଦେଖାଗଲେ ମଧ୍ୟ ସେମାନେ ବିଭିନ୍ନ ସାଦୃଶ୍ୟତା ପ୍ରଦର୍ଶନ

ଟିପ୍ପଣୀ

କରିଥାନ୍ତି । ପାଶ୍ଚାତ୍ୟ ଦେଶଗୁଡିକ ମୁଖ୍ୟତଃ ଏକଭାଷୀ ଅଟନ୍ତି । ଅଧିକାଂଶ ପାଶ୍ଚାତ୍ୟ ଦେଶର ଭାଷାବିତ୍ ଅନୁଭବ କରନ୍ତି ଯେ ଯେତେବେଳେ ଅନେକ ଭାଷା ଗୋଟିଏ ଦେଶ କଥିତ ହୁଏ ଏଥିରେ ବୋଧଗମ୍ୟତାରେ ସମସ୍ୟା ପରିଲକ୍ଷିତ ହୋଇଥାଏ (ଲୋକମାନେ ପରସ୍ପରକୁ ବୁଝିବାରେ ସମସ୍ୟା ଉପଲବ୍ଧି କରନ୍ତି) । ଏହାଛଡା ବାସ୍ତବରେ ଏହି ପ୍ରକାରର ସମସ୍ୟା ଦେଖାଯାଇନଥାଏ । ଭାରତର ପ୍ରତ୍ୟେକ ଶିକ୍ଷିତ ଲୋକ ନିଜ ମାତୃଭାଷା ବ୍ୟତୀତ ଅତିବେଶୀରେ ଗୋଟିଏ ବା ଦୁଇଟି ଭାଷା ଜାଣିଛନ୍ତି । ଏହି ସବୁ ଭାଷାର ବ୍ୟବହାର କରି ସେମାନେ ସେମାନଙ୍କର ଦୈନିକ କାର୍ଯ୍ୟ ଅତ୍ୟନ୍ତ ସହଜରେ କରିବାକୁ ସମର୍ଥ । ତୁମେ ଏହି ପ୍ରକାରର ଭାଷାଗତ ପ୍ରତିବନ୍ଧକ ମଧ୍ୟ ମୁମ୍ବାଇ, ଦିଲ୍ଲୀ ଏବଂ କୋଲକାତା ଭଳି ନଗର / ସହରରେ ପାଇବ ନାହିଁ । ବାର୍ତ୍ତା ଅନୁଯାୟୀ ସେ ଶ୍ରମିକ, ବ୍ୟବସାୟୀ, କିରାଣୀ କିମ୍ବା ଜଣେ ଉଚ୍ଚପଦସ୍ଥ କର୍ମଚାରୀ ହୋଇପାରନ୍ତି କିନ୍ତୁ ଭାଷା ଯୋଗୁଁ କାହାର କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହୁଏ ନାହିଁ । (Subbarao, 2000 p -41)

ଉପରୋକ୍ତ ୨ଟି ଉକ୍ତିରୁ ଏହା ବୁଝିବା ପାଇଁ ସହଜ ହେଲା ଯେ ଆମର ଭାଷାଗତ ବିଭିନ୍ନତା ଆମ ପାଇଁ ଗୋଟିଏ ସମସ୍ୟା ନୁହେଁ । ଆମର ଅନଗ୍ରସରତାର ଏହା ମଧ୍ୟ ପ୍ରମାଣ ନୁହେଁ; ବରଂ ଆମ ଭାଷାଗତ ଏହା ଏକ ପ୍ରମାଣ ।

ଯେତେବେଳେ ଅଧିକାଂଶ ମହାଦେଶରୁ ଲୋକ ଆସି ଆମେରିକାରେ ସ୍ଥାୟୀ ଭାବେ ରହିବାକୁ ଲାଗିଲେ ସେତେବେଳେ ଏହାର ସତ୍ତାର ଅତ୍ୟାବଶ୍ୟକତା ଆସିଲା । ଯାହାହେଲେ ମଧ୍ୟ ଏପର୍ଯ୍ୟନ୍ତ ଆମେରିକା ନିଜକୁ ଗୋଟିଏ ଏକଭାଷୀ ଦେଶ ଭାବେ ବିଚାରକୁ ନେଇଛି । ଆମେରିକାର ସମ୍ବିଧାନରେ କୁହାଯାଇଛି ଜଣେ ଲୋକ ଯିଏକି କେବଳ ଇଂରାଜୀ ଭାଷା ଜାଣିଥିବ ସେ ଆମେରିକାର ନାଗରିକ ହେବା ପାଇଁ ଯୋଗ୍ୟ । ସେଠାରେ ମଧ୍ୟ ପିଲାମାନଙ୍କ ପାଇଁ ସୁବିଧା ନାହିଁ ଯିଏ ଇଂରାଜୀ ଭାଷାକୁ ଛାଡି ଅନ୍ୟ ଭାଷା କହୁଥିବ ଏହାର ମୁଖ୍ୟ କାରଣ ହେଉଛି ଯେ ଆମେରିକାର ତୃତୀୟ ପିଢିର ନାଗରିକ ମାନେ ସେମାନଙ୍କର ମାତୃଭାଷା ଜାଣିନାହାନ୍ତି । ଏତଦ୍‌ବ୍ୟତୀତ, ଭାରତର ସ୍ଥିତି ଆମେରିକାଠାରୁ ବହୁ ଦୃଷ୍ଟିରୁ ଭିନ୍ନ । ଭାରତ ବିଭାଜନ ପରେ ସିନ୍ଧି(Sindhi)ଭାଷା କହୁଥିବା ଜନବସତି ଭାରତରେ ସ୍ଥାୟୀ ଭାବେ ରହିବାକୁ ଲାଗିଲେ ଏବଂ ୨୦୦୧ ଜନଗଣନା ଅନୁସାରେ ଭାରତରେ ୨,୫୩.୪୮୫ ସିନ୍ଧି(Sindhi) ଭାଷାଭାଷୀ ଲୋକ ବାସ କରୁଛନ୍ତି । ତଦନୁସାରେ, ୭୭,୩୦୫ ଭାରତୀୟ ନାଗରିକ ତିବେତାନ୍(Tibetan) ଭାଷା କହୁଛନ୍ତି; ୧୦୫୦୪ ଭାରତୀୟ ପାରସୀ(Parsi) ଭାଷା, ୧୧୦୬ ପସ୍ତୋ ଭାଷା ଏବଂ ୫୧,୭୨୮ ଆରବୀ ଭାଷା କହୁଛନ୍ତି । ୨୫୯୩ ପଣ୍ଡିଚେରୀ(Pondicherry) ରେ ବାସ କରୁଥିବା ଭାରତୀୟ ଫରାସୀ ଭାଷା ଏବଂ ସେଠାକାର ଲୋକମାନେ ମଧ୍ୟ ବର୍ମିଜ(Burmese), ହିବ୍ରିୟୁ(Hebrew), ଲାଓସିଅନ୍

ଟିପ୍ପଣୀ

(Laotian) ଇତ୍ୟାଦି ଭାଷା କହୁଛନ୍ତି । ଏହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ ସେହି ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଦୁଇପ୍ରକାର ଭାଷା କହୁଛନ୍ତି । (Sinha, 2000, p- 64)

ସେହି ଆଲୋଚନା ସମୟରେ ଆମେ ଭୁଲିଯିବା ନାହିଁ ଯେ ଭାରତର ଅଧିକାଂଶ ଭାଷା ଶେଷ ପ୍ରାନ୍ତରେ ପହଞ୍ଚି କ୍ରମଶଃ ନିଶ୍ଚିହ୍ନ ହେବାକୁ ଯାଉଛି ଏବଂ ଆଦିବାସୀ ଭାଷା କହୁଥିବା ଲୋକ ସଂଖ୍ୟା ବହୁତ କମ୍ । ଉଦାହରଣ: ସ୍ୱରୂପ ପଣ୍ଡିଚେରୀର ଏକ ନିର୍ଦ୍ଦିଷ୍ଟ ଆଦିବାସୀ ଭାଷା କହୁଥିବା ଜନସଂଖ୍ୟା ୧୦୦ ରୁ କମ୍ ହେବ । ୨୦୦୧ ଏବଂ ୨୦୧୧ ଜନଗଣନା ମଧ୍ୟରେ ବିଭିନ୍ନ ଭାଷା କହୁଥିବା ଲୋକଙ୍କ ସଂଖ୍ୟା ହ୍ରାସ ପାଉଛି । ଆମେ ଦେଖିବାକୁ ପାଉ ଯେ ଭାଷାର ବିଭିନ୍ନତା ପ୍ରତି ମନୋବୃତ୍ତି ଭାଷାଗତ ବିଭିନ୍ନତାର ବିଦ୍ୟମାନତା କିମ୍ବା ବହୁଦିଗରୁ ଗୁଣବର୍ତ୍ତାକୁ ପ୍ରଭାବିତ କରୁଛି । ଯଦି ଆମର ସକାରାତ୍ମକ ମନୋବୃତ୍ତି ଭାଷାଗତ ବିଭିନ୍ନତା ପାଇଁ ରହିବ ଯଦ୍ୱାରା ଆମେ ଆମ ପରିବେଶରେ କଥିତ ହେଉଥିବା ସମସ୍ତ ଭାଷାର ଅସ୍ତିତ୍ୱ ଏବଂ ବୃଦ୍ଧି ହେବା ପ୍ରକ୍ରିୟାକୁ ସାହାଯ୍ୟ କରିବାରେ ସମର୍ଥ ହେବ । ଅନ୍ୟପକ୍ଷରେ କହିବାକୁ ଗଲେ ନିଜକୁ ଛାଡି ଅନ୍ୟ ପ୍ରତି ଥିବା ଭାଷାଗତ ଅସହିଷ୍ଣୁତା ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ମତଭେଦ ଏବଂ ଅସମ୍ମତି ପରିଣାମ ହୋଇପାରେ ।

ଭାଷାଗତ ବିଭିନ୍ନତା ପ୍ରତି ଥିବା ଉଭୟ ସକାରାତ୍ମକ ଏବଂ ନକରାତ୍ମକ ଚିନ୍ତାଧାରାର ଉଦାହରଣ ଭାରତର ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ସମୟରେ ଦୃଶ୍ୟମାନ ହୋଇଛି । ଉଦାହରଣ: ସ୍ୱରୂପ ନାଗା(Naga) ଜନଗୋଷ୍ଠୀ(Community) ମଧ୍ୟରେ ଉପଜାତିର ଲୋକ ଅଛନ୍ତି ଏବଂ ପ୍ରାୟତଃ ସେତିକି ସଂଖ୍ୟକ ଭାଷା ସେହି ଜନଗୋଷ୍ଠୀର ଲୋକମାନେ କୁହନ୍ତି । ଗୋଟିଏ ନିର୍ଦ୍ଦିଷ୍ଟ ଉପ-ଦଳ(Sub group)ର ଲୋକମାନେ ତାଙ୍କ ନିଜ ଉପ-ଦଳ ମଧ୍ୟରେ କଥା ହେଲାବେଳେ ସେମାନେ ସେମାନଙ୍କର ମାତୃଭାଷାର ବ୍ୟବହାର କରିଥାନ୍ତି । ଯେତେବେଳେ ଗୋଟିଏ ଉପ-ଦଳର ଲୋକ ଅନ୍ୟ ଏକ ଉପ-ଦଳ କଥୋପକଥନର ଆବଶ୍ୟକ ଅନୁଭବ କରନ୍ତି ସେତେବେଳେ ସେମାନେ ନାଗାମିଜ୍(Nagamese) ଭାଷାର ବ୍ୟବହାର କରିଥାନ୍ତି ଏବଂ ସେତେବେଳେ ସେମାନେ ତାଙ୍କ ଉପ-ଦଳର ହୋଇନଥିବା ବାହାର ଲୋକଙ୍କ ସହିତ କଥାବାର୍ତ୍ତା କରନ୍ତି (ନାଗାଲ୍ୟାଣ୍ଡ ଏବଂ ମଣିପୁର ବାହ୍ୟପାର୍ଶ୍ୱର ଲୋକ) ସେତେବେଳେ ସେମାନେ ହିନ୍ଦୀ ଓ ଇଂରାଜୀ ଭାଷାର ବ୍ୟବହାର କରିଥାନ୍ତି । ଏହା ନାଗା ଲୋକଙ୍କର ଭାଷାଗତ ବିଭିନ୍ନତା ପ୍ରତି ଥିବା ସକାରାତ୍ମକ ମନୋବୃତ୍ତିର ଏକ ଉଦାହରଣ ଏବଂ ଏହା ହିଁ ସେମାନଙ୍କୁ ବହୁଭାଷୀ ରୂପେ ଗଢି ତୋଳିବାରେ ସାହାଯ୍ୟ କରୁଛି । ଅନ୍ୟପକ୍ଷରେ କହିବାକୁ ଗଲେ ଗୋଆର ସ୍ଥାୟୀ ନିବାସୀ ମରାଠୀ ଏବଂ କୋଙ୍କଣୀ(konkani) ଙ୍କର ବିଦ୍ୟମାନତା ଉପରେ ଲଢେଇ କରୁଛନ୍ତି ଏବଂ ସେହିପରି କର୍ଣ୍ଣାଟକ(karnataka)ରେ ବେଲ୍‌ଗାଅନ୍(Belgaon)ର ସ୍ଥାୟୀ ବାସୀନ୍ଦା କନ୍ନଡ(Kannada) ଓ ମରାଠୀ (Marathi)ଙ୍କର ବିବାଦ ବିଦ୍ୟମାନ / ତର୍କ କରୁଛନ୍ତି । (Sinha, 2000, p-65-66)

ଭାରତ ହେଉଛି ଗୋଟିଏ ଭାଷାଗତ ବିଭିନ୍ନତା ବହୁଳ ଦେଶ ଏବଂ ଏହି ବିଭିନ୍ନତା ଗୋଟିଏ ସମସ୍ୟା ନୁହେଁ, ବରଂ ଆମ ପାଇଁ ଏକ ସମ୍ବଳ । ଭାଷାଗତ ବିଭିନ୍ନତା ପ୍ରତି ମୁକ୍ତ ମନୋବୃତ୍ତି ଏହି ସମ୍ବଳର ସ୍ଥିତି ଆଧାରରେ ଗ୍ରହଣ କଲେ ଏହା  ଆମକୁ ସାହାଯ୍ୟ କରିବ ଏବଂ ସେହି ସ୍ଥିତିରେ ସଂକୀର୍ଣ୍ଣ ଚିନ୍ତାଧାରା କ୍ଷତି କାରକ । ତେଣୁ ପ୍ରତ୍ୟେକ ଭାଷା ପ୍ରତି ଆମେ ଏକ ସୁସ୍ଥ ଏବଂ ସକାରାତ୍ମକ ମନୋବୃତ୍ତି ପୋଷଣ କରିବା ଉଚିତ୍ ।

### ୨.୨.୨ ଭାରତରେ ଭାଷାର ପରିବାର ଏବଂ ଭାରତ ଗୋଟିଏ ଭାଷାଗତ ଅଞ୍ଚଳ ।

ଆମେ ଦେଖିଲେ ଯେ, ଭାରତ ଏକ ବହୁ ଭାଷାଭାଷୀ ଦେଶ । ସେହି ଭାଷାଗୁଡିକ ମଧ୍ୟରୁ କେତେକଙ୍କର ସମାନ ଲକ୍ଷଣ / ବିଶେଷତ୍ୱ ଏବଂ ସମାନ ପରିଚୟ ଥିବା ସମୟରେ କେତେକ ଭାଷାରେ ତାହା ନାହିଁ । ସାଧାରଣତଃ ଯେଉଁ ଭାଷାଗୁଡିକ ମଧ୍ୟରେ ଏକାପରି ଲକ୍ଷଣ ଦୃଶ୍ୟମାନ ହୁଏ ସେହିଗୁଡିକ ଗୋଟିଏ ନିର୍ଦ୍ଦିଷ୍ଟ ଭାଷା ପରିବାରରେ ଅନ୍ତର୍ଭୁକ୍ତ ।

ଭାଷାଗତ ବିଭିନ୍ନତା ଦୃଷ୍ଟିକୋଣରୁ ଭାରତ କେବଳ ଯେ ଗୋଟିଏ ଅଦ୍ୱିତୀୟ ବା ଅସାଧାରଣ ଦେଶ ତାହା ନୁହେଁ ବରଂ ଭାରତରେ ବିଭିନ୍ନ ଭାଷାଭାଷୀ ପରିବାର ବିଦ୍ୟମାନ । ଭାରତରେ ୪ଟି ଭାଷାଭାଷୀ ପରିବାର ଅଛି ।

୧. ଇଣ୍ଡୋ ଆର୍ୟନ୍ (Indo Aryan)

୨. ଦ୍ରାବିଡିଆନ୍ (Dravidian)

୩. ତିବୀଟୋ – ବରମାନ (Tibeto - Burman)

୪. ଅଷ୍ଟ୍ରୋ – ଏସିଆନ୍ / ମୁଣ୍ଡା (Austro-Asian/Munda)

ଏହି ପ୍ରତ୍ୟେକ ଭାଷାଭାଷୀ ପରିବାରର କେତେକ ପ୍ରଧାନ ଭାଷାଗୁଡିକ ବିଷୟରେ ନିମ୍ନରେ ଦିଆଯାଇଛି :

ଇଣ୍ଡୋ ଆର୍ୟନ୍: ହିନ୍ଦୀ, ଉର୍ଦ୍ଦୁ, ବେଙ୍ଗଲି, ଅସମୀୟା, ସଂସ୍କୃତ, ପଞ୍ଜାବୀ, ଗୁଜୁରାଟୀ, ମରାଠୀ, କୋନ୍‌କାନୀ (Konkani), ନେପାଲି, ଓଡିଆ, କାଶ୍ମୀରୀ ଇତ୍ୟାଦି ।

ଦ୍ରାବିଡିଆନ୍: ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ୍, କୁରୁକ (Kurukh) ଇତ୍ୟାଦି

ତୀବିଟୋ-ବରମାନ୍: ମଣିପୁରୀ, ଅନ୍‌ଗାମି, ବୋଡୋ, ଗାରୋ, ତ୍ରିପୁରି, ଟାନ୍‌ଗାସ, ମିଜୋ ଇତ୍ୟାଦି

ମୁଣ୍ଡା: ମୁଣ୍ଡା, ମୁଣ୍ଡାରୀ, ହୋ, ସାନ୍ତାଳୀ, ସଭାରା ଇତ୍ୟାଦି ।

ଏହା  ଲକ୍ଷ୍ୟକରିବା ଗୁରୁତ୍ୱପୂର୍ଣ୍ଣ ଯେ ଭାରତରେ ଦେଖାଯାଉଥିବା ଭାଷାଗତ ବିଭିନ୍ନତା ଏବଂ ବିଭିନ୍ନ ପ୍ରକାରର ଭାଷାଭାଷୀ ପରିବାର ବ୍ୟତୀତ ଭାରତ ଏକ ଭାଷାଗତ ଅଞ୍ଚଳ ।  ଏହାକୁ ବୁଝିବା

ଟିପ୍ପଣୀ

ପାଇଁ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ଏଇଥି ପାଇଁ ଯେ ହଜାର ହଜାର ବର୍ଷ ହେବ ସମସ୍ତ ଚାରି ପର୍ଯ୍ୟାୟ ଭୁକ୍ତ ପରିବାରର ଭାଷା କହୁଥିବା ଲୋକମାନେ ଏଠାରେ ଏକାଠି ବସବାସ କରୁଛନ୍ତି ଏବଂ ଏହିପରି ସେମାନେ ପରସ୍ପରଙ୍କର ଭାଷାଗୁଡିକୁ ଗ୍ରହଣ କରିଛନ୍ତି । ଏହା ଫଳରେ ବିଭିନ୍ନ ପ୍ରକାରର ଗଢଣ ସମ୍ବନ୍ଧୀୟ ସମାନତା ସେହି ସମୟ ମଧ୍ୟରେ ଭାଷା ଗୁଡିକ ମଦ୍ଧରେ ବିକାଶ କରାଯାଇଛି । ଯେତେବେଳ ଆମେ ଭାରତୀୟ ଭାଷାଗୁଡିକ ପ୍ରସଙ୍ଗ ଆଲୋଚନା ପରିସରକୁ ଅସିଛି, K.V. Subbarao କହିଛନ୍ତି, "ଯେତେବେଳେ ବିଭିନ୍ନ ଭାଷାଭାଷୀ ପରିବାରର ଲୋକମାନେ ହଜାର ହଜାର ବର୍ଷ ହେବ ଏକାଠି ବସବାସ କରୁଛନ୍ତି, ସେମାନେ ପରସ୍ପର ଭାଷାଗୁଡିକୁ ପ୍ରଭାବିତ କରିବ, ଏବଂ ପରସ୍ପର ଠାରୁ ଭାଷାଗୁଡିକର ଭାବନାକୁ ମଧ୍ୟ ସେମାନେ ଗ୍ରହଣ କରିବେ । ଏହି ବିନିମୟ ଗୋଟିଏ ନୂତନ ଭାଷାଗତ ଲକ୍ଷଣର ଉତ୍‌ଥାନ କରିବ "। ନିମ୍ନରେ କେତେକ ଉଦାହରଣ ଦିଆଯାଇଛି:

୧. ସମୋଚ୍ଚାରିତ ଶବ୍ଦ: ସମସ୍ତ ଭାରତୀୟ ଭାଷାଗୁଡିକରେ ଏହି ପ୍ରକାର ଶବ୍ଦଗୁଡିକ ପରିଲକ୍ଷିତ ହୋଇପାରେ । ୨ୟ ଶବ୍ଦ ହେଉଛି "ଅତିରିକ୍ତ (Extra)" ଏବଂ ଏହି ଶବ୍ଦ ଯଦି ନିଜ ଉପରେ ବ୍ୟବହାର କରାଯିବ ତା'ହେଲେ ଏହାର ମାନେ କିଛି ନାହିଁ । ଏବଂ ପ୍ରଥମ ଶବ୍ଦର ଧ୍ୱନୀ ସହିତ ସଦୃଶ । ଉଦାହରଣ: ହିନ୍ଦୀ ଶବ୍ଦ "ବାୟ-ବାୟ", ୨ୟ ଶବ୍ଦ "ବାୟ"ର ହିନ୍ଦୀରେ ନିଜର ଅର୍ଥ କିଛି ନାହିଁ କିନ୍ତୁ ଏହି ଶବ୍ଦର ଅର୍ଥ ଅନ୍ୟ ଜିନିଷକୁ ବୁଝାଉଛି ଯଥା ଖାଇବା ଯୋଗ୍ୟ ଯେଉଁଟା ଚା (Tea) ସହିତ ଜଡିତ ।

| **ହିନ୍ଦୀ** | **ଓଡିଆ** | **ତେଲୁଗୁ** |
|---|---|---|
| Khaana – vaanaa | Baagho –faago | Duulii – gilli |
| ଖାନା – ଭାନ୍ନା | ବାଘୋ - ଫାଗୋ | ଦୁଲ୍ଲୀ – ଗିଲ୍ଲି |
| Paanii – vaanii | Cobulai – faabulai | Baagh – vaagh |
| ପାନି – ଭାନି | କୋବୁଲାଇ - ଫାବୁଲାଇ | ବାଘ - ଭାଘ |
| Caay – vaay | Caaval – vaaval | Any -giny |
| କେୟ – ଭେୟ | କାଭାଲ – ଭାଭାଲ | ଏନି – ଗିନି |

**୨. ଦ୍ୱିଗୁଣିତକ ଶବ୍ଦ (Reduplicated Words) :**

ସମସ୍ତ ଭାରତୀୟ ଭାଷାରେ ବିଶେଷ୍ୟ, ବିଶେଷଣ ଏବଂ କ୍ରିୟା ବିଶେଷର ଇତ୍ୟାଦି ଗୋଟିଏ ନୂତନ ଶବ୍ଦ ସୃଷ୍ଟି କରିବା ପାଇଁ ବାରମ୍ବାର ବ୍ୟବହାର ହୋଇପାରିବେ । ଯେତେବେଳେ ବିଶେଷ୍ୟ ଶବ୍ଦ ବାରମ୍ବାର ଅର୍ଥ ସହିତ ବ୍ୟବହାର କରାଯିବ ସେତେବେଳେ "ପ୍ରତ୍ୟେକ (Every)" ଶବ୍ଦ ସେହି



ଟିପ୍ପଣୀ

ଶବ୍ଦର ଅର୍ଥ ସହିତ ଯୋଗ ହେଉଛି । ଉଦାହରଣ: ହିନ୍ଦୀରେ "ଘର-ଘର" ଶବ୍ଦର ଅର୍ଥ ହେଉଛି "ପ୍ରତ୍ୟେକ ଘର" ।

**Noun** (ବିଶେଷ୍ୟ)

| ହିନ୍ଦୀ | ଓଡିଆ | ତେଲୁଗୁ |
|---|---|---|
| Ghar – ghar | Dhaure- dhaure | Ishti -ishti |
| ଘର –ଘର | ଧଉରେ - ଧଉରେ | ଇଷ୍ଟି - ଇଷ୍ଟି |
| Pannaa – pannaa | Prishthaa – prishthaa | Peji - peji |
| ପନା - ପନା | ପ୍ରିସ୍ଥା - ପ୍ରିସ୍ଥା | ପେଜି – ପେଜି |

**Adjective** (ବିଶେଷଣ)

| ହିନ୍ଦୀ | ଓଡିଆ | ତେଲୁଗୁ |
|---|---|---|
| Dhiire – dhiire | Dhiire – dhire | Nemdi - nemdiga |
| ଧୀରେ - ଧୀରେ | ଧୀରେ -ଧୀରେ | ନେମ୍ଡି – ନେମ୍ଡିଗା |
| Aahiste – aahiste | Aaste – aaste | Mella -mellaga |
| ଆହିସ୍ତେ - ଆହିସ୍ତେ | ଆସ୍ତେ -ଆସ୍ତେ | ମେଲା - ମେଲାଗା |

**Pronouns** (ସର୍ବନାମ)

| ହିନ୍ଦୀ | ଓଡିଆ | ତେଲୁଗୁ |
|---|---|---|
| Apnaa – apnaa | Nijau –nijau | Tanaa -tanaa |
| ଆପ୍ନା - ଆପ୍ନା | ନିଦାଉ - ନିଦାଉ | ତନ୍ନା – ତନ୍ନା |

୩. ସମସ୍ତ ଭାରତୀୟ ଭାଷାଗୁଡିକ ହେଉଛି ପରସ୍ଥାନ(Post Positions) ଯେଉଁଟା ବିଶେଷ୍ୟ ଶବ୍ଦ ପରେ ଅବ୍ୟୟ ପଦ ଶବ୍ଦର ବ୍ୟବହାର । ଇଂରାଜୀରେ ଆମେ କହୁଛୁ " on the table" ଯେଉଥିରେ "on", "table " ପୂର୍ବରୁ ବ୍ୟବହାର କରାଯାଉଛି କିନ୍ତୁ ହିନ୍ଦୀରେ ସେହି ଖଣ୍ଡବାକ୍ୟକୁ "Mez par" କୁହାଯିବ । ନିମ୍ନରେ ଅଧିକ ଉଦାହରଣ ଦିଆଯାଇଛି ।

ହିନ୍ଦୀ: Saam kaa, ରାମ୍ କା, Ghar Men ଘର ମେନ୍,

Tamil (ତାମିଲ): Raamod(Raam kaa) ରାମୋଦ୍ (ରାମ୍ କା), Raamkku (Raam ko) ରାମକ୍କୁ (ରାମ୍ କୋ)

Mundari ମୁଣ୍ଡାରି : HoRaa re (Ghar me) ହୋରା ରେ (ଘର ମେ)

ଟିପ୍ପଣୀ

୪.  ଧ୍ୱନୀର ସ୍ତର ଅନୁସାରେ:

ଅଧିକାଂଶ ଭାରତୀୟ ଭାଷା ହେଉଛି ମୂର୍ଦ୍ଧନ୍ତ ଧ୍ୱନୀ ଯଥା ଇଂରାଜୀ ଶବ୍ଦରେ "T-varg" ଯେଉଁଥିରୁ ତ, ଥ, ଦ, ଧ ଇତ୍ୟାଦି ଧ୍ୱନୀ । ପୁନର୍ବାର ଗୋଟିଏ ଶବ୍ଦ କଣ୍ଠ ନାକ ସହିତ ଆରମ୍ଭ ହୁଏ ନାହିଁ , ଯେପରି "king" ଶବ୍ଦଟିକୁ ଶେଷ ପର୍ଯ୍ୟନ୍ତ ଲକ୍ଷ୍ୟ କର ।

ଭାଷା ସଂପର୍କିତ ଶବ୍ଦ ତାଲିକା ଯଥା: ବିଶେଷ୍ୟ,ବିଶେଷଣ ଏବଂ ସର୍ବନାମ ଆଧାରରେ ଦିଆଯାଉଛି । ଯଦ୍ୟପି ହିନ୍ଦୀ ଓ ଉର୍ଦ୍ଦୁ ଅଲଗା ଅଲଗା ଉଲ୍ଲିଖିତ ହୋଇଛି ଏବଂ ସେଥିପାଇଁ ଏହି ୨ଟିକୁ ଅଲଗା ଅଲଗା ଭାଷାଭାବେ ବିଚାରକୁ ନିଆଯାଇଛି । ସେଗୁଡିକୁ ମଧ୍ୟ ଅଲଗା ଅଲଗା ଲିପିରେ ଲେଖାଯାଇଛି ଯଥା ହିନ୍ଦୀ ଦେବନଗରୀ(Devanagari) ଏବଂ ଉର୍ଦ୍ଦୁ ପାର୍ସୀ-ଆରବୀକ ଲିପିରେ । ଯାହାହେଉ, ସେମାନଙ୍କର ସମାନ ଗଠନ ପ୍ରଣାଳୀ ଭାରତର ବିଭାଜନ ପୂର୍ବରୁ ହିନ୍ଦୁସ୍ଥାନୀ ନାମ ଅନୁସାରେ ଉଭୟ ଦୁଇ ଅଲଗା ଅଲଗା ଭାଷାରେ ବିଭକ୍ତ ହୋଇଥିଲେ ।

**ନିଜ ପ୍ରଗତିକୁ ପରଖି ଦେଖ: ୧**

(ଠିକ ଉତ୍ତରଟି (√)ଚିହ୍ନ ଦ୍ୱାରା ସୂଚାଅ)

୧.  କେତୋଟି ଭାଷାଭାଷି ପରିବାର ଭାରତରେ ଅଛି ?

(କ) ୩, (ଖ) ୪, (ଗ) ୫, (ଘ) ୬

୨.  କେତେକ ଭାଷାଗତ ଲକ୍ଷଣର ଉଦାହରଣ ଦିଅ ଯଦ୍ୱାରା କି ବିଭିନ୍ନ ଭାଷାଭାଷୀ ପରିବାରର ଭାଷା ମଧ୍ୟରେ ହୋଇଥିବା ବିନିମୟ ଯୋଗୁଁ ଭାରତୀୟ ଭାଷାଗୁଡିକୁ ଜାଗ୍ରତ ହୋଇଛି ।

..................................................................................................

୩.  କିଛି ସମୟ ପୂର୍ବେ ରାଜନୈତିକ ଦଳର କର୍ମୀମାନେ ମହାରାଷ୍ଟ୍ରର ମରାଠୀ ଭାଷା କହୁନଥିବା ଲୋକମାନଙ୍କୁ ଆଘାତ କରିଥିଲେ । ଏହି ଘଟଣାଟି ଭାଷାଗତ ବିଭିନ୍ନତା ପ୍ରତି ହେଉଥିବା କେଉଁ ପ୍ରକାରର ମନୋବୃତ୍ତିକୁ ସୂଚିତ କରୁଛି ?ଏହି ପ୍ରକାର ମନୋବୃତ୍ତି ତୁମର ଭାଷାଗତ ବିଭବକୁ ଆଘାତ ପହଞ୍ଚାଉଛି କି ? ତୁମର ମତ ଦିଅ ।

..................................................................................................

୪.  ହିନ୍ଦୁସ୍ଥାନୀ, ହିନ୍ଦୁ ଏବଂ ଉର୍ଦ୍ଦୁ ଉପରେ ତୁମର ମତ କ"ଣ ?

..................................................................................................

## ୨.୩ ଭାଷାଗୁଡିକ ବିଷୟରେ ଭାରତୀୟ ସମ୍ବିଧାନ କ"ଣ କହିଛି ?

ଭାଷା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଯୁଜ୍ୟର ପରିସର ଯେଉଁଟା କି ଦେଶ ଏବଂ ଭାରତୀୟ ସମ୍ବିଧାନର ନିର୍ମାଣକର୍ତ୍ତା ପାଇଁ ଅତ୍ୟନ୍ତ ଜରୁରୀ ବିଷୟରେ ସମ୍ବିଧାନର ଭାଗ -୧୭ରେ ଆଲୋଚନା ଏବଂ ଅନୁଧ୍ୟାନ ପରେ ନିମ୍ନରେ ଭାଷା ପାଇଁ ଥିବା ବ୍ୟବସ୍ଥା ବିଷୟରେ ବର୍ଣ୍ଣିତ କରାଯାଇଛି ।



ଟିପ୍ପଣୀ

ଭାରତର ବହୁଭାଷୀକରଣର ଛବିକୁ ମନରେ ରଖ, ସମ୍ବିଧାନ ନିର୍ମାତାମାନେ କେବଳ ଗୋଟିଏ ବା ଦୁଇଟି ଭାଷାକୁ ସ୍ଥାନ ଦେଇନାହାନ୍ତି । ବରଂ ଭାରତର ଅନେକ ଭାଷାକୁ ସମ୍ବିଧାନରେ ମାନ୍ୟତା ଦେଇଛନ୍ତି । ସମ୍ବିଧାନର ଅନୁଚ୍ଛେଦ ୩୪୩ ଅନୁସାରେ, ହିନ୍ଦୀ ଲିଖିତ ଥିବା ଦେବନଗରୀ ଲିପି ଏବଂ ଇଂରାଜୀ ଭାଷାକୁ ଭାରତର ଅଫିସିଆଲ ଭାଷା ରୂପେ ଆଖ୍ୟା ଦିଆଯାଇଛି । ଆରମ୍ଭରୁ ଇଂରାଜୀକୁ ୧୫ ବର୍ଷ ପାଇଁ ଏହି ମର୍ଯ୍ୟାଦା ଦିଆଯାଇ ଥିଲା କିନ୍ତୁ ୧୯୬୩ ରେ(Official Language Act) (**କାର୍ଯ୍ୟାଳୟ ଭାଷାଗତ ଅଧିନିୟମ**) ଅନୁସାରେ ଇଂରାଜୀକୁ ଏକ ସ୍ଥାୟୀ ସହଯୋଗୀ ଅଫିସ୍ ଭାଷାର ମର୍ଯ୍ୟାଦା ଦିଆଗଲା । ଅନୁଚ୍ଛେଦ ୩୪୫ ପ୍ରତ୍ୟେକ ରାଜ୍ୟକୁ ଆଇନଗତ ଭାବେ ଗୋଟିଏ କିମ୍ବା ଅଧିକ ଭାଷା ସଂପୃକ୍ତ ରାଜ୍ୟରେ କହିବାର ସୁଯୋଗ ଦେବା ସହିତ ହିନ୍ଦୀକୁ ଅଫିସ୍ ଭାଷାର ମର୍ଯ୍ୟାଦା ଦିଆଯାଇଛି । ହିନ୍ଦୀକୁ ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର, ରାଜସ୍ଥାନ, ହରିୟାଣା, ହିମାଚଳ ପ୍ରଦେଶ ଏବଂ ଦିଲ୍ଲୀ ଇତ୍ୟାଦି ରାଜ୍ୟରେ ଅଫିସ ଭାଷା ଭାବେ ଘୋଷିତ କରାଯାଇଛି ।ସେହିପରି ପଞ୍ଜାବ ରେ ପଞ୍ଜାବୀ, ମହାରାଷ୍ଟ୍ରରେ ମରାଠୀ, ଗୁଜୁରାଟରେ ଗୁଜୁରାଟୀ ଏବଂ ହିନ୍ଦୀ ଭାଷାକୁ ଅଫିସ୍ ଭାଷା ବୋଲି ଘୋଷିତ କରାଯାଇଛି । ତାମିଲ, ତେଲୁଗୁ, କନ୍ନଡ, ମାଲାୟାଲମ୍, ଓଡିଆ, ଅସମିୟା (Assamese) ଏବଂ ବେଙ୍ଗଲୀ ଭାଷାକୁ ମଧ ଯଥାକ୍ରମେ ତାମିଲନାଡୁ, ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ଓଡିଶା, ଆସାମ ରାଜ୍ୟମାନଙ୍କରେ ଅଫିସ ଭାଷା ଭାବେ ସୀକୃତୀ ପ୍ରଦାନ କରାଯାଇଛି । ସିକ୍କିମ୍ ନେପାଲୀ, ଲେପଚା(Lepcha) ଭୁଟାନ୍ ଇତ୍ୟାଦି ଭାଷାକୁ ତାଙ୍କର ଅଫିସ୍ ଭାଷା ବୋଲି ଘୋଷିତ କରିଛନ୍ତି । ନାଗାଲ୍ୟାଣ୍ଡ ରାଜ୍ୟ ଇଂରାଜୀକୁ ତାଙ୍କର ଅଫିସ୍ ଭାଷା ବୋଲି ଘୋଷିତ କରିଛନ୍ତି । ଅରୁଣାଚଳ ପ୍ରଦେଶ, ମିଜୋରାମ ଏବଂ ମେଘାଳୟ କୌଣସି ଅଫିସ ଭାଷା ଗ୍ରହଣ କରିନାହାଁ ଏବଂ ସରକାରୀ କାର୍ଯ୍ୟକରିବା ଉଦ୍ଦେଶ୍ୟରେ, କେବଳ ଇଂରାଜୀ ଭାଷା ସେଠାରେ ବ୍ୟବହାର କରାଯାଏ । କେନ୍ଦ୍ରର ଅଫିସ୍ ଭାଷା ମିଳିତ କାର୍ଯ୍ୟ ପାଇଁ ବ୍ୟବହାର କରାଯାଏ । ଚଣ୍ଡିଗଡ, ଆଣ୍ଡାମାନ ଓ ନିକୋବର ଦ୍ୱୀପ ଏବଂ ଡାମନ ଓ ଡିଉ ଏବଂ ପଣ୍ଡିଚେରୀର ଅଫିସ୍ ଭାଷା ହେଉଛି ତାମିଲ ।

ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଜାତୀୟ ଭାଷା । ଆମ ଭିତରୁ ଅଧିକାଂଶ ଚିନ୍ତା କରୁ ଯେ ଭାରତର ଜାତୀୟ ଭାଷା ହେଉଛି ହିନ୍ଦୀ, ଯାହାହେଲେ ମଧ୍ୟ ଏହା ଏକ ଗୁରୁତ୍ୱପୂର୍ଣ୍ଣ କଥା ମନେରଖିବା ଯେ ଭାରତର ସମ୍ବିଧାନ ଗୋଟିଏ ଜାତୀୟ ଭାଷାର ସ୍ଥିତି ବିଷୟରେ କିଛି କହିନାହିଁ । ସେହି ସମୟରେ ଅନୁଚ୍ଛେଦ ୩୫୧ କହିଛି ଯେ ହିନ୍ଦୀର ବିସ୍ତୃତି ପାଇଁ କେନ୍ଦ୍ର ସରକାର ନିଶ୍ଚିତ ଭାବେ ପ୍ରୋତ୍ସାହନ ଦେବ ଏବଂ ପ୍ରକାଶ କରିବାର ମାଧ୍ୟମ ଭାବେ ହିନ୍ଦୀର ବିକାଶ କରିବ ।

ଟିପ୍ପଣୀ

**ନିଜ ପ୍ରଗତିକୁ ପରଖି ଦେଖ -୨**

୧. ସମ୍ବିଧାନର କେଉଁ ଭାଗଟି ଭାଷା ସମ୍ବନ୍ଧୀୟ ବ୍ୟବସ୍ଥାକୁ ଧାରଣ କରିଛି ?(ଚିହ୍ନ ଦ୍ୱାରା ସୂଚାଅ)

(କ) ୧୭, (ଖ) ୧୯, (ଗ) ୧୮, (ଘ) ୨୦

୨. କେଉଁ ଧାରା ଅନୁସାରେ ଇଂରାଜୀକୁ ସହଯୋଗୀ ଅଫିସ୍ ଭାଷାର ମାନ୍ୟତା ମିଳିଲା ?

.............................................................................................

## ୨.୪ ଭାରତର ଭାଷାଗୁଡିକର ଶ୍ରେଣୀଭୁକ୍ତ

### ୨.୪.୧ ଅନୁସୂଚିତ ଭାଷା:

ଭାରତୀୟ ସମ୍ବିଧାନର ୮ମ ସୂଚୀରେ ଉଲ୍ଲେଖ କରାଯାଇଥିବା ଭାଷାଗୁଡିକୁ ଅନୁସୂଚିତ ଭାଷା କୁହାଯାଏ । ୧୯୫୦ରେ ଏହି ସୂଚୀରେ ୧୪ଟି ଭାଷାକୁ ନାମିତ କରାଯାଇଥିଲା । ସେହି ଭାଷାଗୁଡିକ ହେଲା - ଅସମୀୟା(Assamese) ବେଙ୍ଗଲୀ, ଗୁଜୁରାଟୀ, ହିନ୍ଦୀ, କନ୍ନଡ, କାଶ୍ମୀରୀ, ମାଲାୟାଲମ୍, ମରାଠୀ, ଓଡିଆ, ପଞ୍ଜାବୀ, ସଂସ୍କୃତ, ତାମିଲ, ତେଲୁଗୁ ଏବଂ ଉର୍ଦ୍ଦୁ । ସିନ୍ଧି(Sindhi) ୨୧ ତମ ସାମ୍ବିଧାନୀକ ସଂଶୋଧନ (୧୯୬୭) ଦ୍ୱାରା ଏହି ତାଲିକାକୁ ଅନ୍ତର୍ଭୁକ୍ତ କରିଥିଲେ । ସେହିପରି କୋଙ୍କଣୀ(Konkani), ମଣିପୁରୀ(Manipuri) ଏବଂ ନେପାଳୀ ଭାଷା(Nepali) ୭୧ତମ ସାମ୍ବିଧାନୀକ ସଂଶୋଧନ (୧୯୯୨) ଦ୍ୱାରା ସଂପୃକ୍ତ ହୋଇଥିଲେ । ବୋରୋ(Boro), ସାନ୍ତାଳୀ (Santhali), ମୈଥିଳି(Maithili) ଏବଂ ଡ଼ୋଗ୍ରୀ(Dogri) ୯୨ତମ ସଂଶୋଧନ (୨୦୦୩) ଦ୍ୱାରା ସୀକୃତ ହୋଇଥିଲା । ତେଣୁ ବର୍ତ୍ତମାନ ମୋଟ ୨୨ ଭାଷା ସମ୍ବିଧାନରେ ଅନୁସୂଚିତ ଭାଷା ଭାବେ ତାଲିକାଭୁକ୍ତ କରାଯାଇଛି । ଆହୁରି ମଧ୍ୟ ଅନେକ ରାଜ୍ୟ ତାଙ୍କ ଭାଷା ସୂଚୀରେ ସ୍ଥାନ ପାଇବା ପାଇଁ ଅକ୍ଲାନ୍ତ ଉଦ୍ୟମ କରୁଛନ୍ତି । "ଥରେ ଯଦି ଗୋଟିଏ ଭାଷା ସୂଚୀରେ ସ୍ଥାନ ପାଇଯାଇଛି ତାର ନାମ ଏବଂ ମର୍ଯ୍ୟାଦା ପରିବର୍ତ୍ତନ ହେବ ଏବଂ ଏହାକୁ ଏକ ଆଧୁନିକ ଭାରତୀୟ ଭାଷା କିମ୍ବା ଗୋଟିଏ ଅନୁସୂଚିତ ଭାଷା ଭାବେ ଚିହ୍ନଟ କରାଯିବ ।

### ୨.୪.୨ ଆଞ୍ଚଳିକ ଭାଷା ଏବଂ ମାତୃଭାଷା:

ଭାରତୀୟ ଭାଷାଗୁଡିକୁ ମଧ୍ୟ ଆଞ୍ଚଳିକ ଭାଷା ଏବଂ ମାତୃଭାଷା ରୂପେ ଶ୍ରେଣୀଭୁକ୍ତ କରାଯାଇପାରିବ । ୨୦୦୧ ଜନଗଣନା ଅନୁସାରେ ସର୍ବମୋଟ ୧୦୦ ଆଞ୍ଚଳିକ ଭାଷାକୁ ତାଲିକାଭୁକ୍ତ

ଟିପ୍ପଣୀ

କରାଯାଇଥିଲା ଏବଂ ସେହି ଭାଷାଗୁଡିକ ମଧ୍ୟରୁ ଅଧିକାଂଶ ଭାଷା ଲୋକମାନଙ୍କର ମାତୃଭାଷା ଏବଂ ଉପଭାଷାକୁ ଧାରଣ କରିଥିଲା । ତେଣୁ ଗୋଟିଏ ଆଞ୍ଚଳିକ ଭାଷା ନିଜ ଭିତରେ ବହୁତଗୁଡିଏ ମାତୃଭାଷା କୁ ଧାରଣ କରିଛି । ୧୯୬୧ ଭାଷା ଜନଗଣନା ୧୬୫୨ଟି ମାତୃଭାଷାକୁ ଚିହ୍ନଟିକରଣ କରିଥିଲା । "ମାତୃଭାଷା" ଶବ୍ଦ ସାଧାରଣତଃ ଘରେ ବ୍ୟବହାର କରାଯାଉଥିବା ଭାଷାକୁ ବୁଝାଯାଏ । ୨୦୦୧ ଜନଗଣନା ପାଇଁ ଜନଗଣନା ବିଭାଗ ନିମ୍ନଲିଖିତ ଢଙ୍ଗରେ "ମାତୃଭାଷା"କୁ ସଂଜ୍ଞାକୃତ କରିଛନ୍ତି:- "ମାତୃଭାଷା ସୂଚାଉଛି ଯେ ଗୋଟିଏ ଲୋକର ବାଲ୍ୟାବସ୍ଥା ସମୟରେ ତାଙ୍କର ମା' ତାଙ୍କୁ କହୁଥିବା ଭାଷା । ମୁଖ୍ୟତଃ ଘରେ କୁହାଯାଉଥିବା ଭାଷାକୁ ମାତୃଭାଷା କୁହାଯାଏ

ଏକା ପରିବାରରେ ରହୁଥିବା ଦୁଇଜଣ ଲୋକଙ୍କର ମାତୃଭାଷା ମଧ୍ୟ ଭିନ୍ନ ହୋଇପାରେ । ଉଦାହରଣ: ଯେତେବେଳେ ସ୍ୱାମୀ ଓ ସ୍ତ୍ରୀ ଭିନ୍ନ ଭିନ୍ନ ଜନଗୋଷ୍ଠୀ ଓ ଅଞ୍ଚଳର ହୋଇଥିବେ । ଆଉ ଏକ ଅଧିକ ଗୁରୁତ୍ୱପୂର୍ଣ୍ଣ କଥାହେଉଛି ଯେ ଗୋଟିଏ ପିଲାର ଗୋଟିଏ ଠାରୁ ଅଧିକ ମାତୃଭାଷା କହିପାରିବ, ଯଦି ଘରେ ଗୋଟିଏ ଠାରୁ ଅଧିକ ଭାଷା ସମାନ ଭାବେ କୁହାଯାଉଛି ।

### ୨.୪.୩ ପୁରାତନ ଶାସ୍ତ୍ରୀୟ ଭାଷା :

ଭାଷା ଯାହାର ଗୋଟିଏ ଲମ୍ବା ଇତିହାସ, ସହିତ ଯଥେଷ୍ଟ ବ୍ୟାକରଣ ଗତ ଅଧ୍ୟୟନରଏବଂ, ଯେଉଁଥିରେ ବହୁଳ ମାତ୍ରାରେ ସାହିତ୍ୟ ଗ୍ରନ୍ଥ ଲେଖାଯାଇଛି , ତାହା ହିଁ ପୁରାତନ ଶାସ୍ତ୍ରୀୟ ଭାଷାକୁ ସୂଚାଏ ।

ଗୋଟିଏ ଭାଷାକୁ ପୁରାତନ ଶାସ୍ତ୍ରୀୟ ଭାଷା ରୂପେ ଘୋଷିତ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ସଙ୍ଗଠିତ କେତେକ ଲକ୍ଷଣ ବିଷୟରେ ନିମ୍ନରେ ଦିଆଯାଇଛି ।

୧. ଭାଷାର ଗୋଟିଏ ଇତିହାସ ଥିବ ଏବଂ ୧୫୦୦ ରୁ ୨୦୦୦ ବର୍ଷ ପୁରୁଣା ସାହିତ୍ୟ ଗ୍ରନ୍ଥ ଏହି ଭାଷାରେ ଲେଖାଯାଇଥିବ ।

୨. କେତେକ ପୁରାତନ ସାହିତ୍ୟ ଗ୍ରନ୍ଥ/କାବ୍ୟ ଏହି ଭାଷାରେ ଲେଖା ହୋଇଥିବ ଏବଂ ଏହି ଭାଷାକୁ କହୁଥିବା ଲୋକମାନେ ଏହି ସାହିତ୍ୟ ଗ୍ରନ୍ଥ/କାବ୍ୟକୁ ଗୋଟିଏ ମୂଲ୍ୟବାନ ସମ୍ବଳଭାବେ ବିଚାର କରୁଥିବେ ।

୩. ଏହି ଭାଷା ଏକ ସର୍ବପ୍ରଥମ ସାକ୍ଷର ଐତିହ୍ୟ ବହନ କରିଥିବ ଏବଂ ଅନ୍ୟ ଭାଷାରୁ ଏହା ନକଲ କରାଯାଇନଥିବ ।

ଜୁନ୍ ୨୦୦୪ ରେ ତାମିଲକୁ ଗୋଟିଏ ପୁରାତନ ଶାସ୍ତ୍ରୀୟ ଭାଷା ରୂପେ ଘୋଷିତ କରାଗଲା । ୨୦୦୫ ରେ ସଂସ୍କୃତ ଏବଂ ୨୦୦୮ ରେ କନ୍ନଡ ଓ ତେଲୁଗୁ ଭାଷାକୁ ମଧ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ଦିଆଯାଇଥିଲା ।

ଟିପ୍ପଣୀ

## ୨.୪.୪. ଭାଷା ଓ ଉପଭାଷା ମଧ୍ୟରେ କିଛି ପ୍ରଭେଦ ଅଛି କି ?

ଲୋକମାନେ ସାଧାରଣତଃ ଭାଷା ଓ ଉପଭାଷାକୁ ଭିନ୍ନ ଭାବେ ଗ୍ରହଣ କରନ୍ତି ଏଥିପାଇଁ ସେମାନେ ବହୁତଗୁଡିଏ କାରଣ ମଧ୍ୟ ଦିଅନ୍ତି – ଭାଷା ବହୁତ ଲୋକମାନଙ୍କ ଦ୍ୱାରା କୁହାଯାଏ, ବହୁତ କମ୍ ସଂଖ୍ୟକ ଲୋକ ଉପଭାଷା କୁହନ୍ତି; ଭାଷାର ଗୋଟିଏ ସାହିତ୍ୟ ଅଛି କିନ୍ତୁ ଉପଭାଷାର ନାହିଁ; ଭାଷାର ଗୋଟିଏ ଲିପି ଅଛି କିନ୍ତୁ ଉପଭାଷାର ତାହା ନଥାଏ ।

ଯାହା ହେଉ, ବାସ୍ତବରେ ଏହି ସମସ୍ତ କାରଣ ଅସତ୍ୟ ଅଟେ । ଗୋଟିଏ ଭାଷାଗତ ଦୃଷ୍ଟିରୁ ଯଦି ଦେଖାଯାଏ ତାହେଲେ ଗୋଟିଏ ଭାଷା ଏବଂ ଗୋଟିଏ ଉପଭାଷା ମଧ୍ୟରେ କୌଣସି ଭିନ୍ନତା ନାହିଁ । ଉଭୟ ଭାଷା ଏବଂ ଉପଭାଷାର ଗୋଟିଏ ବ୍ୟାକରଣ ଅଛି ଯେଉଁଟାକି ଗୋଟିଏ ନୀତିନିୟମରେ ସେମାନେ ଆବଦ୍ଧ । ହିନ୍ଦୀ, ଇଂରାଜୀ, ସଂସ୍କୃତ ଏବଂ ଅନ୍ୟଭାଷା ଭଳି ଅୱଧି, ବରାଜ ଏବଂ ଭୋଜପୁରୀ ଇତ୍ୟାଦି ସେମାନଙ୍କର ନିଜର ବ୍ୟାକରଣ ଅଛି । ସେହିପରି ସାହିତ୍ୟର ଘଟଣାରେ, ବହୁତଗୁଡିଏ ସାହିତ୍ୟ କଥିତ ଭାଷା ଯଥା ହିନ୍ଦୀ, ଇଂରାଜୀ ଏବଂ ସଂସ୍କୃତରେ ଲେଖାଯାଇଛି ଏବଂ କୁହାଯାଇଥିବା "ଉପଭାଷା" ଯଥା ଅୱଧି, ମୈଥିଳି ଏବଂ ବରାଜ ଇତ୍ୟାଦିରେ ମଧ୍ୟ ଲେଖାଯାଇଛି । ଲିପିର ବିଷୟବସ୍ତୁ ଭଳି ବିଶ୍ୱର କୌଣସି ଭାଷାକୁ ଯେକୌଣସି ଲିପିରେ ଠିକ୍ ଭାବରେ ଲେଖିପାରିବା ସମ୍ଭବ ନୁହେଁ । ଉଦାହରଣ: ** (ଦେବନଗରୀ ଲିପି), Shyam Khaataa hai (ରୋମାନ ଲିପି) ।

ତେଣୁ, ଏହା ସ୍ପଷ୍ଟ ହୋଇଗଲା ଯେ ଆମେ ଲିପି, ସାହିତ୍ୟ ଏବଂ ବ୍ୟାକରଣ ଅନୁସାରେ ଭାଷା ଏବଂ ଉପଭାଷା ମଧ୍ୟରେ ପାର୍ଥକ୍ୟ ସୃଷ୍ଟି କରିପାରିବା ନାହିଁ । ଭାଷା କାହାକୁ କୁହନ୍ତି ଏବଂ ଉପଭାଷା କାହାକୁ କୁହନ୍ତି ଏହା ଏକ ସାମାଜିକ ଓ ରାଜନୈତିକ ପ୍ରଶ୍ନ ଅଟେ । ରମାକାନ୍ତ ଅଗ୍ନିହୋତ୍ରୀ (Rama Kant Agnihotri) କହିଛନ୍ତି, "ଯାହା ପ୍ରଭାବଶାଳୀ ଏବଂ ଧନଶାଳୀ ଲୋକମାନଙ୍କ ଦ୍ୱାରା କୁହାଯାଏ ତାହାହିଁ "ଭାଷା" ରୂପେ ଅଭିହିତ । ଏହି ଭାଷା ପାଇଁ ବ୍ୟାକରଣ ଏବଂ ଶବ୍ଦକୋଷ ଲେଖାଯାଏ । ଏହି ଭାଷାରେ ମଧ୍ୟ ସାହିତ୍ୟ ଲେଖାଯାଏ । ଭାଷା ହେଉଛି ଏକ ମାଧ୍ୟମ ଯେଉଁଥିରେ କି ସ୍କୁଲର ଶିକ୍ଷାଦାନ ପ୍ରକ୍ରିୟା ସମ୍ପାଦନ ହୋଇଥାଏ ଏବଂ ସେହି ଆଧାରରେ ଏକ ଆଦର୍ଶ ଭାଷା ରୂପେ ସୂଚିତ ହୋଇଥାଏ । ଯେଉଁ ଭାଷା ଏହି ଆଦର୍ଶ ଭାଷା ସହିତ ସମାନ ହେବ ତାହାକୁ "ଉପଭାଷା" କୁହାଯିବ । ଶକ୍ତିର କେନ୍ଦ୍ରସ୍ଥାନର ପରିବର୍ତ୍ତନ ହେବା ସହିତ ଗୋଟିଏ ଭାଷାର ମର୍ଯ୍ୟାଦାର ମଧ୍ୟ ପରିବର୍ତ୍ତନ ହୋଇଥାଏ ଯେତେବେଳେ କ୍ଷମତା ପାଇଁ ରାଜନୈତିକ କେନ୍ଦ୍ରରେ କନୌଜ (Kanoj) ଥିଲା, ସେତେବେଳେ ସାହିତ୍ୟ ଭାଷା ଥିଲା "Aprabhramsh" (ଅପରାବ୍ରହ୍ମସ) ଖଡି ବୋଲି (Khadi boli), ବ୍ରଜ (Braj) ଏବଂ ଅୱଧି (Awadhi) ଏହାର ଉପଭାଷା



ଟିପ୍ପଣୀ

ହୋଇଗଲା । ସେହିପରି ଯେତେବେଳେ ରାଜନୈତିକ କ୍ଷମତାର କେନ୍ଦ୍ର ବ୍ରଜ(Braj) ଥିଲା, ସେତେବେଳେ ଦିଲ୍ଲୀ ଏବଂ ମିରଟ(Meerut) ରେ ଥିବା କଥିତ ଭାଷା ବ୍ରଜ(Braj) ଏବଂ ଖଡି ବୋଲି(Khadi Boli) ସାହିତ୍ୟର ଭାଷା ଥିଲା ଏବଂ ଏହା କ୍ରମେ ଉପଭାଷା ରୂପେ ପରିଚିତ ହେଲା । ଯେତେବେଳେ କ୍ଷମତାର କେନ୍ଦ୍ର ଦିଲ୍ଲୀ ଏବଂ ମିରଟ(Meerut) ଥିଲା, ବ୍ରଜ ଓ ଅଓ୍ୱଧି ହିନ୍ଦୀର ଉପଭାଷା ହେଲା । ତେଣୁ, ମୁଖ୍ୟ ବିଷୟ ହେଲା ଭାଷା ଓ କ୍ଷମତା ଭିତରେ ଥିବା ସମ୍ପର୍କକୁ ବୁଝିବା ଯେହେତୁ ଏଇଟା ଭାଷାକୁ କ'ଣ କୁହାଯିବ ? ଏବଂ ଉପଭାଷାକୁ କ'ଣ କୁହାଯିବ ? ସହିତ ସମ୍ପୃକ୍ତ ।

**ନିଜ ପ୍ରଗତିକୁ ପରଖି ଦେଖ-୩**

ନିମ୍ନୋକ୍ତ ମଧ୍ୟରୁ ଠିକ ଉତ୍ତରଟି (√)ଚିହ୍ନ ଦ୍ୱାରା ସୂଚାଅ

୧. ବର୍ତ୍ତମାନ ସମ୍ବିଧାନର ୮ମ ସୂଚୀରେ କେତୋଟି ଭାଷା ଅଛି ବୋଲି ଉଲ୍ଲେଖ କରାଯାଇଛି ?
(କ) ୧୪, (ଖ) ୧୮ (ଗ) ୨୦ (ଘ) ୨୨

୨. ମାତୃଭାଷାର ଅର୍ଥ କ'ଣ ?

୩. ଗୋଟିଏ ଭାଷାକୁ ପୁରାତନ ଶାସ୍ତ୍ରୀୟ ଭାଷାରେ ଶ୍ରେଣୀଭୁକ୍ତ କରିବା ପାଇଁ କ'ଣ କ'ଣ ଆବଶ୍ୟକୀୟ ନିୟମ ଅଛି ?

୪. ଭାଷା ଏବଂ ଉପଭାଷା ମଧ୍ୟରେ ପାର୍ଥକ୍ୟ ଅଛି କି ? ଯଦି ହଁ,ତାହା ଦୁଇଟି ବାକ୍ୟରେ ଲେଖ ।

ହିନ୍ଦୀ ହେଉଛି ଗୋଟିଏ ଭାଷା ଯାହା "ଭାରତ" କିମ୍ବା "ହିନ୍ଦ" ରେ କୁହାଯାଇଛି । ଏହାର ପୁରାତନ ନାମ "ହିନ୍ଦୁଇ" (Hinduii) ଏବଂ "ହିନ୍ଦ୍‌ଭି" (Hindvii) ଯାହାର କି ସେତେବେଳେ ମଧ୍ୟ ସମାନ ଗୁରୁତ୍ୱ ଥିଲା ।

ହିନ୍ଦୀ:- ଏହି ପ୍ରକାରର ହିନ୍ଦୀ ଅନ୍ୟ ହିନ୍ଦୀର ଉପଭାଷା ଦ୍ୱାରା ପ୍ରଭାବିତ ହୋଇନାହିଁ । ସଂସ୍କୃତ,ଆରବିକ୍ ଏବଂ ଫାର୍ସିର କୌଣସି ଶବ୍ଦକୁ ମଧ୍ୟ ଏହା ଧାରଣ କରିନାହିଁ ।

ଖାରୀ ବୋଲି:- ଏହି ପ୍ରକାରର ହିନ୍ଦୀକୁ ଆଦର୍ଶ ହିନ୍ଦୀ କୁହାଯିବ ବୋଲି ବିଚାରକୁ ନିଆଯାଇଛି ବର୍ତ୍ତମାନ ଏହା ବ୍ରଜ (Braj) ଏବଂ ରେଖତ (Rekhta) ଠାରୁ ଭିନ୍ନ, ଏହା ସାଧାରର ଲୋକଙ୍କର ଭାଷା ଥିଲା, ଦୈନନ୍ଦିନ ବ୍ୟବହାରର ଭାଷା ଏବଂ ଏହି ଭାଷାରେ ସାହିତ୍ୟ ଲେଖା ମଧ୍ୟ ସମ୍ଭବ ହୋଇଥିଲା ।

ନାଗରୀ (Nagri) ହିନ୍ଦୀ: ଏହି ପ୍ରକାରର ହିନ୍ଦୀ ସାହିତ୍ୟ ଲେଖାପାଇଁ ବ୍ୟବହାର କରାଯାଉଥିଲା ।

ହିନ୍ଦୁସ୍ଥାନୀ: ଉଭୟ ହିନ୍ଦୀ ଏବଂ ଉର୍ଦ୍ଦୁ ଏହି ପ୍ରକାର ହିନ୍ଦୀର ଅଂଶ ଅଟେ । ଏହା ଉଭୟ ହିନ୍ଦୀ ଏବଂ ଉର୍ଦ୍ଦୁ ଶବ୍ଦର ବ୍ୟବହାର କରୁଛି ଏବଂ ଏହା ଏହି ଦୁଇଟି ଭାଷାର ମିଶ୍ରଣ ।



ଟିପ୍ପଣୀ

**ଆଦର୍ଶ ଭାଷା:** ଯେତେବେଳେ ବହୁତଗୁଡିଏ କଥିତ ଉପଭାଷା ସୃଷ୍ଟି ହେଲା, ସମାଜର କେତେକ ଶିକ୍ଷିତ ଏବଂ ସମ୍ଭ୍ରାନ୍ତ ଶ୍ରେଣୀର ଲୋକମାନଙ୍କ ଦ୍ଵାରା ସେଥିମଧ୍ୟରୁ ଗୋଟିଏ ବଛାବଛି ଉପଭାଷା କହିବାକୁ ଲାଗିଲେ ଯଦ୍ଵାରା ଏହା ଆଦର୍ଶ ଭାଷାର ମର୍ଯ୍ୟାଦା ପାଇଲା । "ଆଦର୍ଶ ଭାଷା ଅନ୍ୟ ଭାଷା ତୁଳନାରେ ବିଶୁଦ୍ଧ ନୁହେଁ । ଭାଷାର ସ୍ତର ଅନୁସାରେ ସମସ୍ତ ଭାଷାକୁ ସମାନଭାବେ ସଙ୍ଗଠିତ କରାଯାଇଛି । କିନ୍ତୁ ହଁ ସାମାଜିକ ସ୍ତର ଅନୁସାରେ ସେମାନେ ସମାନ ନୁହଁ ।" (Agnihotri, 2007, p -3) ଆଦର୍ଶ ପ୍ରକାରର ହିନ୍ଦୀ ୩ଟି ମୁଖ୍ୟ କେନ୍ଦ୍ରର ବିଭିନ୍ନତା ଉପରେ ଆଧାରିତ – ମେରଟ, ଦିଲ୍ଲୀ ଏବଂ ଆଗ୍ରା

**ହିନ୍ଦୀ ଉପଭାଷାର ବର୍ଗୀକରଣ:**

ପୂର୍ବଦେଶୀୟ ଅଞ୍ଚଳ –

- ପୂର୍ବଦେଶୀୟ ହିନ୍ଦୀ - ଅୱଧି(Awadhi) ବଧେଲି(Badheli) ଛତିଶଗଡି(Chhattisgarhi)
- ବିହାରୀ ହିନ୍ଦୀ – ଭୋଜପୁରୀ(Bhojpuri) ମଗହି(Magahi) / ମୈଥିଲି(Maithili)

ପଶ୍ଚିମ ଦେଶୀୟ ହିନ୍ଦୀ –

- ଅକର ବାହୁଲା(Akar Bahula)– କୌରବି(Kaurbi), ହରିୟାନଭି(Hariyanvi), ଦକ୍ଷିଣି(Dakhini)
- ଓକାର ବାହୁଲା(O kar Bahula) – ବ୍ରଜ(Braj), ବୁନ୍ଦେଲୀ(Bundeli) କନୌଜୀ(Kanauji)

ରାଜସ୍ଥାନୀ ହିନ୍ଦୀ – ମାରୱାଡ଼ି(Marvari) ଜୟପୁରୀ(Jaipuri) ମେୱାଟି(Mevati), ମଲଭି (Malvi)

ପହାରୀ (Pahari) – କୁମାୟୁନି(Kumayuni) ଗରୱାଲି(Garvali)

ଉପରୋକ୍ତରେ ଦିଆଯାଇଥିବା ଉପଭାଷା ସହିତ ପହାରୀ(Pahari), ନିମାରୀ (Nimari), ହରୋଟୀ(Haroti) ଦୁଧାରୀ(Dudhari), ଅହିରାତି(Ahirati) ମଧ୍ୟ ହିନ୍ଦୀର ଉପଭାଷା ଅଟେ । ଏଠାରେ ଆମେ ହିନ୍ଦୀ ଭାଷା ଏବଂ ଏହାର ଉପଭାଷା ଗୁଡିକ ବିଷୟରେ ଆଲୋଚନା କରିଛୁ: ଅୱାଧି(Awadhi) ବ୍ରଜ(Braj), ମଇଥିଲି(Maithili), ରାଜସ୍ଥାନୀ (Rajasthani), ଭୋଜପୁରୀ(Bhojpuri) ଇତ୍ୟାଦି । କିନ୍ତୁ ଏହା ମନେରଖିବା ଆବଶ୍ୟକ ଯେ

ଏହି ଉପଭାଷା ଗୁଡ଼ିକ ହେଉଛି ଭାଷା ଏବଂ ଗୋଟିଏ ସମୟରେ ଏହା ଭାଷାର ମର୍ଯ୍ୟାଦାକୁ ଉପଭୋଗ କରୁଥିଲା ।

ଯେତେବେଳେ ରାଜନୈତିକ ଏବଂ ଅର୍ଥନୈତିକ କାରଣ ଯୋଗୁଁ ଖଡ଼ି ବୋଲି(Khadi boli) ପ୍ରାଧାନ୍ୟ ସ୍ଥାନ ଅର୍ଜନ କରିଥିଲା । ଏହାପରେ ଏହି ଭାଷା ନିଜର ସ୍ୱାଧୀନତାର ପରିଚୟକୁ ହରାଇଲା ଏବଂ ଇଚ୍ଛା ବିରୁଦ୍ଧରେ ଏହାକୁ ହିନ୍ଦୀର ଉପଭାଷା କରାଗଲା । ଡ: ରବିନ୍ଦ୍ରନାଥ ଶ୍ରୀବାସ୍ତବ ଲେଖିଛନ୍ତି: "ଅର୍ଥନୈତିକ, ରାଜନୈତିକ କିମ୍ବା ସାଂସ୍କୃତିକ କାରଣ ଯୋଗୁଁ ସାମାଜିକ ପୁନଃ ସଙ୍ଗଠନ ପ୍ରକ୍ରିୟା ସମୟରେ ଗୋଟିଏ ନିର୍ଦ୍ଦିଷ୍ଟ ଉପଭାଷାକୁ ଅନ୍ୟ ଉପଭାଷା ଠାରୁ ଅଧିକ ଗୁରୁତ୍ୱ ଦିଆଗଲା । ଯାହାଫଳରେ, ସେହି ଉପଭାଷା ଏକ ଅନ୍ୟ ଉପଭାଷା କହୁଥିବା ଲୋକମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ପାଇଁ ମାଧ୍ୟମ ଭାବେ ବ୍ୟବହୃତ ହେଲା । ସେହି ସମୟରେ ଅନ୍ୟ ଉପଭାଷା କହୁଥିବା ଲୋକମାନେ ନିଜର ସାମାଜିକ ପରିଚୟ ଏହି ଉପଭାଷା ସହିତ ସଂଯୋଗ କଲେ ଯେଉଁଟା କି ଗୋଟିଏ ଆଦର୍ଶ ଭାବର ଆଦାନପ୍ରଦାନର ମାଧ୍ୟମ ହୋଇଥିଲା । ବର୍ତ୍ତମାନ ସମୟରେ, ଖଡ଼ି ବୋଲି (Khadi boli) ଆଦର୍ଶ ହିନ୍ଦୀର ଗୋଟିଏ ପ୍ରତିଶବ୍ଦ ଅଟେ ଏବଂ ଗୋଟିଏ ଭାଷାର ମର୍ଯ୍ୟାଦାକୁ ମଧ୍ୟ ଉପଭୋଗ କରେ ଯଦିଓ ବ୍ରଜ(Braj), ଅୱଧି(Awadhi), ଭୋଜପୁରୀ(Bhojpuri) ଇତ୍ୟାଦି ହେଉଛି କେବଳ ଉପଭାଷା । ବର୍ତ୍ତମାନ ମଧ୍ୟ ଯେତେବେଳେ ଆମେ ହିନ୍ଦୀ, ବ୍ରଜ, ଅୱାଧି, ଭୋଜପୁରୀ, ରାଜସ୍ଥାନୀ ଇତ୍ୟାଦି ବିଷୟରେ କହୁଛୁ ଏହାକୁ ଉପଭାଷା ଭାବେ ହିଁ ବର୍ଣ୍ଣନା କରାଯିବ । ଯାହାହେଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯାହା ଆମକୁ ମନେ ରଖିବାକୁ ପଡିବ ଯେ ଭାଷା ଓ ଉପଭାଷା ମଧ୍ୟରେ ପ୍ରଭେଦ ଅଛି ଯେଉଁ ବିଷୟରେ ଆମେ ଉପରେ ଆଲୋଚନା କରିଛେ ।

**ହିନ୍ଦୀ ହେଉଛି ସାହିତ୍ୟର ଭାଷା:**

ବ୍ରଜ(Braj), ମଇଥିଲି(Maithili), ଏବଂ ଅୱଧି(Awadhi) ଗୁଡ଼ିକ ହେଉଛି ସୁସ୍ପଷ୍ଟ ଭାଷା ଏବଂ ଏହା ମଧ୍ୟ ଅତ୍ୟଧିକ ଧନୀ ସାହିତ୍ୟ ଭାବେ ସୁପରିଚିତ । ଏହାକୁ ହିନ୍ଦୀ ଐତିହ୍ୟର ଅଂଶ ବୋଲି ଅନେକ ଦିଗରୁ ବିଚାରକୁ ନିଆଯାଇଛି । ୨୦ତମ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ବହୁତ ଗୁଡ଼ିଏ ସାହିତ୍ୟ ଗ୍ରନ୍ଥ ବ୍ରଜ(Braj) ରେ ଲେଖା ହୋଇଥିଲା । ଏହା ଏକ ଭାଷା ଯେଉଁଟା କି ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ସମ୍ପୂର୍ଣ୍ଣ ରୂପେ ଏକ ବଡ ଭୌଗଳିକ ସ୍ଥାନରେ କଥିତ ଭାଷା ଭାବେ ବ୍ୟବହାର କରାଯାଉଛି । ମଧ୍ୟଯୁଗରେ କବି ଯଥା:- ସୁରଦାସ, ମୀରାବାଈ, କେଶବଦାସ, ରହିମ, ରସ୍‌ଖାନ, ବିହାରୀ, ଦେବ, ଧନାନନ୍ଦ, ସେନାପତୀ, ଭୁଷଣ, ପଦ୍ମାକର, ରତ୍ନାକର ସହିତ ଅନ୍ୟମାନେ ଏହି ଭାଷାରେ ସାହିତ୍ୟ ଗ୍ରନ୍ଥ ଗୁଡ଼ିକର ମୂଲ୍ୟ ବୃଦ୍ଧି କରିଥିଲେ ।

ଜୈଷି (Jaysi) ଏବଂ ତୁଳସୀଦାସ (Tulasi das) ଅୱାଧୀର ବ୍ରହ୍ମପ୍ରସୁ କବି ଅଟନ୍ତି । ଅୱାଧି (awdhi)ରେ ଯୌଷି (jaysi)ଙ୍କର "ପଦ୍ମାୱତ୍" (Padmawat) ହେଉଛି ଏକ

ଟିପ୍ପଣୀ

ସାହିତ୍ୟିକ ମହାକାବ୍ୟ । ତୁଳସୀଦାସ ଙ୍କର ସର୍ବମୋଟ ୧୨ ସୁସ୍ପଷ୍ଟ ଖଣ୍ଡ ଲେଖା ହେଉଛି:- ରାମଚରିତମାନସ, କବିତାବଲୀ(Kavitavali), ଗୀତାବାଲୀ(Gitavali), ବିନୟପତ୍ରିକା (Vijay Patrika) ଇତ୍ୟାଦି । ବ୍ରଜ(Braj) ଭାଷାରେ ଗୀତାବାଲୀ, ବିନୟପତ୍ରିକା ଏବଂ କବିତାବାଲୀ ଲେଖାଯାଇଛି । ତୁଳସୀଦାସ ଉଭୟ ବ୍ରଜ ଏବଂ ଅୱଧିକୁ ସମାନ ନିୟନ୍ତ୍ରଣର ସହିତ ଲେଖିଛନ୍ତି ।

ଅଧିକାଂଶ ସୁଫୀ କବି ଯଥା:- କବିର, ଡଡୁ, ରୈଡାସ୍ ଏବଂ ଗୁରୁ ନାନକ ସୁଫୀ ସାହିତ୍ୟର ମୂଲ୍ୟ ବୃଦ୍ଧି କରିଛନ୍ତି ।

ଆଧୁନିକ ସମୟରେ ଭରତେନ୍ଦୁ, ମହାବୀର ପ୍ରସାଦ ଦ୍ୱିବେଦୀ , ବାଲ୍ କୃଷ୍ଣଭଟ୍ଟ, ପ୍ରସାଦ, ନିରାଲା, ମହାଦେବୀ, ପନ୍ତ, ଅଗ୍ନେୟ, ରଘୁବୀର ସହାୟ ଏବଂ ଅଧିକାଂଶ ଅନ୍ୟ ଲେଖକ ହିନ୍ଦୀ ସାହିତ୍ୟକୁ ଏକ ନୂତନ ରୂପ ଦେଇଛନ୍ତି ।

ହିନ୍ଦୀର ବିକାଶ ପାଇଁ ଏହି ଲେଖକଙ୍କର ମହତ୍ତ୍ୱପୂର୍ଣ୍ଣ ଅବଦାନ ଯଥା: କବିତା, ଗଳ୍ପ, ଖେଳ, ଐତିହାସିକ ହିସାବ(Historical Accounts), ସମୀକ୍ଷା, ଜୀବନଚରିତ, ଭ୍ରମଣ ସାହିତ୍ୟ, ପ୍ରବନ୍ଧ, ହିସାବ ଡାୟାରୀ (Diary Accounts) ବିବୃତି(Report) ଇତ୍ୟାଦି ଯାହା ଆମମାନଙ୍କ ପାଇଁ ଏକ ଦୃଷ୍ଟାନ୍ତ ରୂପେ ବିଦ୍ୟମାନ ।

ହିନ୍ଦୀଭାଷାକୁ ଦୃଢ କରିବା ପାଇଁ ହିନ୍ଦୀରେ ପ୍ରକାଶିତ ସମ୍ବାଦପତ୍ର ଏବଂ ପତ୍ରିକା ଗୁଡ଼ିକର ମଧ୍ୟ ଅବଦାନ ରହିଛି । ୧୮୨୬ ରେ କୋଲକାତାରୁ ପ୍ରକାଶ ପାଇଥିବା ପ୍ରଥମ ହିନ୍ଦୀ ସମ୍ବାଦପତ୍ର "Udant Maatrand" ଏବଂ ଏହା ସହିତ ୨ୟ ସମ୍ବାଦପତ୍ର "Bangdoot"ର ଅବଦାନ ଗୁରୁତ୍ୱ ବହୁଳ ମାତ୍ରାରେ ପରିଲକ୍ଷିତ ହୁଏ । ହିନ୍ଦୀ ସମ୍ବାଦପତ୍ର ଏବଂ ପତ୍ରିକାର ବିକାଶ ପାଇଁ କୋଲକାତା ଏବଂ ହିନ୍ଦୀ କହୁନଥିବା ବେଙ୍ଗଲୀ ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

## ଭାଷାର ପ୍ରଶାସନରେ ହିନ୍ଦୀର ବିକାଶ :

୧୯୪୯ ସେପ୍ଟେମ୍ବର ୧୪ରେ ସମ୍ବିଧାନ ସଭାରେ ହିନ୍ଦୀକୁ ଅଫିସ୍ ଭାଷା ରୂପେ ଗ୍ରହଣ କରିବା ପାଇଁ ଭାରତୀୟ ସଂଘକୁ ଅନୁମତି ଦିଆଗଲା । ଏହାର ବିକାଶ ହେବା ପୂର୍ବରୁ ହିନ୍ଦୀର ନିଜସ୍ୱ କିଛି ପରିଚୟ ନଥିଲା । ଗୋଟିଏ ଆଞ୍ଚଳିକ ଭାଷା ରୂପରେ ଏହା କହିବା ମଧ୍ୟ ଠିକ୍ ହେବନାହିଁ । ରାଜୋଚିତ ରାଜ୍ୟ ଯଥା ଗ୍ୱାଲିଅର, ଜୟପୁର ଇତ୍ୟାଦିରେ ହେଉଥିବା ବିଭିନ୍ନ ପ୍ରକାରର ପ୍ରଶାସନିକ କାର୍ଯ୍ୟ ସମ୍ପୁର୍ଣ୍ଣ ଭାବେ ହିନ୍ଦୀ ଭାଷାରେ କରାଯାଉଥିଲା । ଅଧିକନ୍ତୁ , ଯଦିଓ ଭାରତ ସରକାରଙ୍କ ଦ୍ୱାରା ଇଂରାଜୀକୁ ଅଫିସ୍ ଭାଷା ରୂପେ ଘୋଷିତ କରାଗଲା । ବ୍ରିଟିଶ୍‌ଙ୍କ ପାଇଁ ହିନ୍ଦୀ ଭାଷା ଶିଖିବା ଅତ୍ୟାବଶ୍ୟକ ଥିଲା ଏବଂ ଏହାର ଆରମ୍ଭ ଅତିଶୀଘ୍ର ଅର୍ଥାତ୍ ୧୮୦୦ ପୂର୍ବରୁ ଫୋର୍ଟ ଉଇଲିୟମ



ଟିପ୍ପଣୀ

କଲେଜ ପ୍ରତିଷ୍ଠିତ ହେବା ସମୟରେ ହେବା କଥା । ହିନ୍ଦୀ ଭାଷା ଶିଖିବାର ଆବଶ୍ୟକତା ଥିଲା । ୧୮୭୮-୭୯ ମଧ୍ୟରେ ଇଂଲଣ୍ଡରୁ ଭାରତକୁ ଆସୁଥିବା ପ୍ରତ୍ୟେକ କାର୍ଯ୍ୟାଳୟ ହିନ୍ଦୀ ଏବଂ ହିନ୍ଦୁସ୍ତାନୀ ଜାଣିବା ଆବଶ୍ୟକତା ଥିଲା । ଗାନ୍ଧୀଙ୍କର ପ୍ରଚେଷ୍ଟା ଯୋଗୁଁ ୧୯୨୫ରେ କଂଗ୍ରେସ ନିଷ୍ପତ୍ତି ନେଲା ଯେ ଏହାର ପ୍ରତ୍ୟେକ ଦିନ କାର୍ଯ୍ୟ ହିନ୍ଦୁସ୍ତାନୀରେ ବହନ କରାଯିବ ।

**ବର୍ତ୍ତମାନ ସ୍ଥିତି:** ହିନ୍ଦୀ କେବଳ ଯେ କେନ୍ଦ୍ରସରକାରଙ୍କର ଅଫିସ୍ ଭାଷା ତାହା ନୁହେଁ ବରଂ ଏହା ବହୁତଗୁଡିଏ ରାଜ୍ୟସରକାରଙ୍କର ଅଫିସ୍ ଭାଷା ରୂପେ ବ୍ୟବହାର କରାଯାଉଛି । ବର୍ତ୍ତମାନ ଏହା ଏକ ସାଧାରଣ କଥା ଏହିକି ଯେ ଯେଉଁ ରାଜ୍ୟରେ ହିନ୍ଦୀକୁ ଅଫିସ୍ ଭାଷାର ମାନ୍ୟତା ଦିଆଯାଇଛି, ସେହି ରାଜ୍ୟର ଅଧିକାଂଶ ପ୍ରଶାସନିକ କାର୍ଯ୍ୟ ହିନ୍ଦୀ ଭାଷାରେ କରାଯାଉଛି । ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ, ବିହାର ଏବଂ ରାଜସ୍ଥାନର ଉଚ୍ଚତମ ନ୍ୟାୟାଳୟ ହିନ୍ଦୀ ଭାଷାରେ ତାଙ୍କର ନିଷ୍ପତ୍ତି ଦେଉଛନ୍ତି ଏବଂ ଚୁକ୍ତିପତ୍ର ମଧ୍ୟ ଏହି ଭାଷାରେ ଦିଆଯାଇପାରିବ । ଅଧିକାଂଶ ରାଜ୍ୟରେ ବିଜ୍ଞାନ, ସାହିତ୍ୟ ଏବଂ ସମ୍ବନ୍ଧୀୟ ବିଷୟ(Humanities) ଏବଂ ଆଇନ ଇତ୍ୟାଦି ପାଠରେ ସ୍ନାତକ ଡିଗ୍ରୀ ହାସଲ କରିବା ପାଇଁ ମଧ୍ୟ ହିନ୍ଦୀକୁ ଶିକ୍ଷାର ବିକଳ୍ପ ମାଧ୍ୟମ ଭାବେ ରଖାଯାଇଛି । କମ୍ପ୍ୟୁଟର ବିଜ୍ଞାନ(Computer Science) ପଢାଇବା ପାଇଁ ଅନୁଷ୍ଠିତ ହୋଇଥିବା ବିଭିନ୍ନ ଅନୁଷ୍ଠାନରେ ମଧ୍ୟ ହିନ୍ଦୀ ଭାଷାର ବ୍ୟବହାର କରାଯାଉଛି । ତଥ୍ୟ ଅନୁସାରେ ସରକାରୀ କାର୍ଯ୍ୟାଳୟରେ କମ୍ପ୍ୟୁଟର ଦ୍ୱାରା ହେଉଥିବା ବିଭିନ୍ନ କାର୍ଯ୍ୟ ହିନ୍ଦୀ ଭାଷାରେ ହିଁ କରାଯାଉଛି ।

ବିଭିନ୍ନ କାର୍ଯ୍ୟାଳୟ, ଅନୁଷ୍ଠାନ ଏବଂ ରାଷ୍ଟ୍ରାୟତ ବ୍ୟାଙ୍କରେ ନିଯୁକ୍ତି ପାଇଁ କରାଯାଉଥିବା ପରୀକ୍ଷାରେ ମଧ୍ୟ ହିନ୍ଦୀକୁ ବିକଳ୍ପ ମାଧ୍ୟମ ଭାବେ ବ୍ୟବହାର କରାଯାଉଛି ଯଦିଓ ସେହି ପରୀକ୍ଷାରେ ଇଂରାଜୀ ଭାଷା ଏକ ଅତ୍ୟାବଶ୍ୟକ ପେପର ଅଟେ । ଶେଷରେ ହିନ୍ଦୀ ଗୋଟିଏ ବୃହତ୍ତର ପରିସର ଭିତରେ ସାଧାରଣ ଲୋକମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ ପାଇଁ ମାଧ୍ୟମର କାର୍ଯ୍ୟ ଚାଲୁରଖିଛି ।

**ନିଜ ପ୍ରଗତିକୁ ପରଖି ଦେଖ:- ୪**

ଠିକ ଉତ୍ତରଟି (√)ଚିହ୍ନ ଦ୍ୱାରା ସୂଚାଅ ।

୧. କେଉଁ ଭାଷାରେ ଯୈଷି(Jaysi)ଙ୍କର ପଦ୍ମାୱତ (Padmawat) ଲେଖାଯାଇଛି ? ରୁ

(କ) ବ୍ରଜ (ଖ) ଅୱଧି (ଗ) ମାଇଥିଳି (ଘ) ହିନ୍ଦୀ

୨. କେଉଁ ଦୁଇଟି ଭାଷାକୁ ରୂପ ଦେବା ପାଇଁ "ହିନ୍ଦୁସ୍ତାନୀ" ନାମର ବ୍ୟବହାର ହୋଇଥିଲା ?

.............................................................................................

୩. ହିନ୍ଦୀ କେବଳ ଯେ କେନ୍ଦ୍ର ସରକାରଙ୍କର ଅଫିସ୍ ଭାଷା ତାହା ନୁହେଁ ବରଂ ବିଭିନ୍ନ ରାଜ୍ୟ ସରକାରଙ୍କର ଅଫିସ୍ ଭାଷା ପାଇଁ ହିନ୍ଦୀକୁ ମାନ୍ୟତା ଦିଆଯାଇଛି । ସେହି ରାଜ୍ୟଗୁଡିକର ନାମ ଲେଖ ।

.............................................................................................

ଟିପ୍ପଣୀ

୪. ସାହିତ୍ୟର ଭାଷା ପାଇଁ ହିନ୍ଦୀର ବିକାଶ:- ସଂକ୍ଷେପରେ ବର୍ଣ୍ଣନା କର ।

.................................................................................................

## ୨.୬ ଭାରତରେ ଇଂରାଜୀର ମର୍ଯ୍ୟାଦା

୧୮୧୩ରେ ଭାରତକୁ ବ୍ରିଟେନ୍‌ରୁ ଖ୍ରୀଷ୍ଟିୟାନ ଧର୍ମପ୍ରଚାରକ ଆସିଥିଲେ ଏବଂ ବହୁତ ଗୁଡିଏ ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ଯେଉଁଥିରେ ସ୍ଥାନୀୟ ଭାଷାକୁ ଶିକ୍ଷାର ମାଧ୍ୟମ ଭାବେ ବ୍ୟବହାର କରାଯାଉଥିଲା । ପରବର୍ତ୍ତୀ ସମୟରେ, ସେମାନେ ବିଭିନ୍ନ ଇଂରାଜୀ ମାଧ୍ୟମ ଉଚ୍ଚ ବିଦ୍ୟାଳୟ ପ୍ରତିଷ୍ଠା କଲେ । ବ୍ରିଟିଶ ପ୍ରଶାସକ ୧୮୫୭ପରେ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କଲେ ଏବଂ ଭାରତୀୟ ଶିକ୍ଷା ପାଇଁ ଇଂରାଜୀକୁ ପ୍ରଥମ ଭାଷା ରୂପେ ଗ୍ରହଣ କରାଗଲା ।ଯେଉଁ ଭାରତୀୟ ମାନେ ଇଂରାଜୀରେ ନିପୁଣ ହୋଇଥିବେ ସେମାନେ ନୂତନ ଶ୍ରେଣୀ ପାଇଁ ବଛା ହେବେ । ଅଧିକାଂଶ ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଖୋଲା ହୋଇଥିଲା । ବିଶ୍ୱବିଦ୍ୟାଳୟ ସ୍ତରରେ ମଧ୍ୟ ଇଂରାଜୀକୁ ଶିକ୍ଷାର ମାଧ୍ୟମ ଭାବେ ଗ୍ରହଣ କରାଯାଇଥିଲା ଏବଂ ଉଚ୍ଚାକାଂକ୍ଷୀ ଭାରତୀୟ ପସନ୍ଦ କରୁଥିବା ବିଦ୍ୟାଳୟକୁ ଯାଉଥିଲେ ଯେଉଁଠି ଇଂରାଜୀକୁ ଗୁରୁତ୍ୱ ଦିଆଯାଉଥିଲା । ସ୍ୱାଧୀନତା ପରେ ମଧ୍ୟ ଇଂରାଜୀ ଭାଷା ତା'ର ପ୍ରାଧାନ୍ୟତା ବଜାୟ ରଖିଛି । ଇଂରାଜୀ ଭାଷା ସରକାରୀ ସ୍ତରରେ ଗୋଟିଏ ସହଯୋଗୀ ଅଫିସ୍ ଭାଷା ଭାବେ ମର୍ଯ୍ୟାଦା ପାଇଲା । ବର୍ତ୍ତମାନ ସମୟରେ ମଧ୍ୟ ଯେଉଁ ବିଦ୍ୟାଳୟ ଇଂରାଜୀ ଭାଷାଉପରେ ଗୁରୁତ୍ୱ ଦେଉଛି ସେହି ବିଦ୍ୟାଳୟକୁ ଅତ୍ୟଧିକ ଭଲ ସ୍କୁଲ ରୂପେ ବିଚାର କରାଯାଏ । ଏହି ପରିସ୍ଥିତି ବିଶ୍ୱବିଦ୍ୟାଳୟ ସ୍ତରରେ ପୃଥକ ନୁହେଁ ।

୧୯୭୦ରୁ ୧୯୮୦ ମଧ୍ୟରେ ତିନିଭାଗରୁ ଏକଭାଗ ଥିବା ଭାରତୀୟ ବିଦ୍ୟାଳୟ ଗୁଡିକରେ ଇଂରାଜୀ ମାଧ୍ୟମରେ ଶିକ୍ଷାଦାନ କରାଯାଉଥିଲା । ବର୍ତ୍ତମାନ ପର୍ଯ୍ୟନ୍ତ ମଧ୍ୟ ଭାରତରେ ଇଂରାଜୀ ଗୋଟିଏ ମୁଖ୍ୟ ଭୂମିକା ସଂପାଦନ କରି ରହି ନିଜ ପ୍ରାଧାନ୍ୟତା ବଜାୟ ରଖିଛି । ନିମ୍ନରେ ଏହାର କାରଣ ଗୁଡିକୁ ଉଲ୍ଲେଖ କରାଯାଇଛି ।



ଟିପ୍ପଣୀ

- ଗୁରୁତ୍ୱପୂର୍ଣ୍ଣ ବହି ଏବଂ ଅଧିକାଂଶ ସମ୍ବଳ ସାମଗ୍ରୀ ଇଂରାଜୀରେ ଲେଖାହୋଇଛି
- ଇଂରାଜୀ ହେଉଛି ବାଣିଜ୍ୟ କାରବାର ଉପଯୁକ୍ତ ଭାଷା
- ଇଂରାଜୀରେ ପାରଦର୍ଶିତା ଅର୍ଜନ କରିବା ହେଉଛି ଗୋଟିଏ ମର୍ଯ୍ୟାଦାସମ୍ପନ୍ନର ଚିହ୍ନ ଏବଂ ଏକ ଭିନ୍ନ ବ୍ୟକ୍ତିତ୍ୱ ।
- ଇଂରାଜୀକୁ ଶିକ୍ଷାର ମାଧ୍ୟମ ରୂପେ ବ୍ୟବହାର କରାଯାଉଛି ।
- ବିଜ୍ଞାନ, ଯାନ୍ତ୍ରିକ ବିଜ୍ଞାନ, କୃଷି ଏବଂ ବ୍ୟବସାୟ ଆଦି ଜଗତିକରଣ ପ୍ରକ୍ରିୟାରେ ମଧ୍ୟ ଇଂରାଜୀକୁ ଭାବର ଆଦାନପ୍ରଦାନର ମାଧ୍ୟମ ରୂପେ ବ୍ୟବହାର କରାଯାଉଛି ।
- ଆନ୍ତର୍ଜାତିକ ସ୍ତରରେ ମଧ୍ୟ ଇଂରାଜୀର ଏକ ଗୁରୁତ୍ୱପୂର୍ଣ୍ଣ ମର୍ଯ୍ୟାଦା ଅଛି । ବିଶ୍ୱର ଅଧିକାଂଶ ଦେଶର ଲୋକମାନେ ମଧ୍ୟ ଏହି ଭାଷାକୁ କହିବା ସହିତ ବୁଝିପାରନ୍ତି ।

ସରକାରୀ ସ୍ତରରେ ଇଂରାଜୀ ଗୋଟିଏ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଦଖଲ କରିରଖିଛି । ଅଫିସ୍ କାର୍ଯ୍ୟର ଉଦ୍ଦେଶ୍ୟକୁ ପୂରଣ କରିବା ପାଇଁ ରାଜ୍ୟ ତାର ଆଞ୍ଚଳିକ ଭାଷାର ବ୍ୟବହାର କରିଥାଏ କିନ୍ତୁ ପରସ୍ପର ସହିତ ଭାବର ଆଦାନ ପ୍ରଦାନ ପାଇଁ ଇଂରାଜୀ ସେମାନଙ୍କୁ ସାହାଯ୍ୟ କରେ ।

**ବିଦ୍ୟାଳୟ ପାଠ୍ୟକ୍ରମରେ ଇଂରାଜୀର ସ୍ଥାନ:**

ମାଧ୍ୟମିକ ଶିକ୍ଷା ଆୟୋଗ (୧୯୫୨-୫୩) ଇଂରାଜୀର ପ୍ରାଧାନ୍ୟ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଶିକ୍ଷା ଆୟୋଗ (୧୯୬୪-୬୬) ମଧ୍ୟ ଏହାକୁ ସମର୍ଥନ କରିଛନ୍ତି । ଏହା ଦଶମ ଶ୍ରେଣୀ ପର୍ଯ୍ୟନ୍ତ ତ୍ରିଭାଷୀ ସୂତ୍ରକୁ ପ୍ରସ୍ତାବିତ କରିଛନ୍ତି । ଏହି ତ୍ରିଭାଷା ସମ୍ବଳିତ ସୂତ୍ର କହିଛି ଯେ ବିଦ୍ୟାଳୟରେ ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ଭାଷା ପ୍ରଚଳିତ ହେବ:

ପ୍ରଥମ ଭାଷା: ବିଦ୍ୟାଳୟରେ ପ୍ରଥମ ଭାଷା ଶିକ୍ଷାର୍ଥୀମାନଙ୍କୁ ଶିକ୍ଷା ଦେବା ଆବଶ୍ୟକ ଯାହା କି ମାତୃଭାଷା କିମ୍ବା ଆଞ୍ଚଳିକ ଭାଷା ହୋଇଥିବା ଦରକାର ।

ଦ୍ୱିତୀୟ ଭାଷା:- ହିନ୍ଦୀ କହୁଥିବା ରାଜ୍ୟରେ ଯେକୌଣସି ଆଧୁନିକ ଭାଷା କିମ୍ବା ଇଂରାଜୀ ହିନ୍ଦୀ କହୁନଥିବା ରାଜ୍ୟରେ ହିନ୍ଦୀ କିମ୍ବା ଇଂରାଜୀକୁ ୨ ୟ ଭାଷା ରୂପେ ଗ୍ରହଣ କରାଯିବ

ତୃତୀୟ ଭାଷା:- ହିନ୍ଦୀ କହୁଥିବା ରାଜ୍ୟରେ ଇଂରାଜୀ କିମ୍ବା ଯେକୌଣସି ଆଧୁନିକ ଭାଷା ଯେଉଁଟା କି ଦ୍ୱିତୀୟ ଭାଷା ରୂପେ ପଢାଯାଉନଥିବ ଅଥବା ହିନ୍ଦୀ କହୁନଥିବା ରାଜ୍ୟରେ ଇଂରାଜୀ କିମ୍ବା ଯେକୌଣସି ଆଧୁନିକ ଭାଷା ଯେଉଁଟା କି ଦ୍ୱିତୀୟ ଭାଷା ରୂପେ ପଢାଯାଉନଥିବ ।

ଜାତୀୟ ପାଠ୍ୟକ୍ରମ ରୁପରେଖ ୨୦୦୫ ଅନୁସାରେ ବହୁ ଭାଷାଭାଷୀ ଦେଶରେ ତଥା ଭାରତରେ ଇଂରାଜୀ ହେଉଛି ଏକ ବିଶ୍ୱବ୍ୟାପୀ ଭାଷା । ଇଂରାଜୀ ଶିକ୍ଷାର ଲକ୍ଷ୍ୟ ହେଉଛି ବହୁଭାଷୀର

ଟିପ୍ପଣୀ

ସୃଷ୍ଟି କରିବା ଯାହାଫଳରେ ଆମର ସମସ୍ତ ଭାଷାଗୁଡିକୁ ସମୃଦ୍ଧ ହୋଇପାରିବ । ବିଭିନ୍ନ ରାଜ୍ୟରେ ଭାରତୀୟ ଭାଷାଗୁଡିକ ସହିତ ଇଂରାଜୀ ଭାଷା ତାର ନିଜର ସ୍ଥାନକୁ ଖୋଜିବାର ଆବଶ୍ୟକତା ଅନୁଭବ କରୁଛି ଯେଉଁଥିରେ କି ଶିକ୍ଷାର୍ଥୀମାନଙ୍କର ଅନ୍ୟ ଭାଷା ଓ ଇଂରାଜୀ ଭାଷାର ଶିକ୍ଷାଦାନ ଓ ଶିକ୍ଷଣ ପ୍ରକ୍ରିୟାକୁ ଶକ୍ତିଶାଳୀ କରିବା ପାଇଁ ଏବଂ ଇଂରାଜୀ ମାଧ୍ୟମ ବିଦ୍ୟାଳୟରେ ଯେଉଁଠାରେ ଭାରତୀୟ ଭାଷା ଇଂରାଜୀ ଭାଷାର ଆଧିପତ୍ୟ ବିଷୟରେ ଅବଗତ ହେଲାପରେ ନିଜର ସାହାସିକତାର ଆବଶ୍ୟକତା କରୁଛି ଏହି ଇଂରାଜୀ ଭାଷାକୁ ନିମ୍ନଗାମୀ କରାଇବାପାଇଁ । ଇଂରାଜୀ ପଢାଉଥିବା ପ୍ରତ୍ୟେକ ଶିକ୍ଷକଙ୍କର ଇଂରାଜୀରେ ମୌଳିକ ପାରଦର୍ଶିତା ରହିବା ଆବଶ୍ୟକ । ଦଶମ ଶ୍ରେଣୀ ସ୍ତରରେ ବିଫଳତା ପାଇଁ ଇଂରାଜୀ ହେଉଛି ଗୋଟିଏ ପ୍ରଧାନ କାରଣ । ଗୋଟିଏ ଶିକ୍ଷାର୍ଥୀକୁ ଇଂରାଜୀକୁ ଛାଡି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାପାଇଁ ଅନୁମତି ଦେବା ଉଚିତ୍ ଯଦି ନିୟମିତ ବିଦ୍ୟାଳୟର ପାଠ୍ୟକ୍ରମ ବ୍ୟତୀତ ଇଂରାଜୀକୁ ପରିମାଣରେ ପ୍ରକାଶ କରିବା ପାଇଁ ଗୋଟିଏ ବିକଳ୍ପ ମାର୍ଗ ଯୋଗାଇଦେଇପାରିବ ।

**ନିଜ ପ୍ରଗତିକୁ ପରଖି ଦେଖ : ୫**

ନିମ୍ନୋକ୍ତ ମଧ୍ୟରୁ ଠିକ ଉତ୍ତରଟି (√)ଚିହ୍ନ ଦ୍ୱାରା ସୂଚାଅ

୧. ୧୮୧୩ରେ ଭାରତକୁ ଆସିଥିବା ବ୍ରିଟିଶ ଆରମ୍ଭ କରିଥିବା ପ୍ରାଥମିକ ବିଦ୍ୟାଳୟରେ କେଉଁ ଭାଷାକୁ ଶିକ୍ଷାର ମାଧ୍ୟମ ଭାବେ ବ୍ୟବହାର କରିଥିଲେ ?

(କ) ଇଂରାଜୀ, (ଖ) ହିନ୍ଦୀ, (ଗ) ହିନ୍ଦୁସ୍ଥାନୀ, (ଘ) ଆଞ୍ଚଳିକ ଭାଷା

୨. ଇଂରାଜୀ ଜାଣିବା ହେଉଛି ଏକ ଉତ୍ତମ ଶିକ୍ଷାର ସୂଚକ, ଧନଶାଳୀ ସଂସ୍କୃତି ଏବଂ ଉଚ୍ଚତର ବୌଦ୍ଧିକ ସ୍ତର ଇତ୍ୟାଦି । ଏହି ଉକ୍ତି ସହିତ ତୁମେ ଏକମତ କି ? ତୁମ ଉତ୍ତର ପାଇଁ କାରଣ ଦିଅ ?

୩. ଇଂରାଜୀ ଏକ ଔପନିବେଶିକ ଭାଷା ହେଲେ ମଧ୍ୟ ଏହା ସ୍ୱାଧୀନ ଭାରତରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ନିଜର ପ୍ରାଧାନ୍ୟ ବିସ୍ତାର କରିଛି । କାହିଁକି ?

## ୨.୭ ଭାରତରେ ଭାଷାଶିକ୍ଷା ନୀତି

ଜାତୀୟ ବିକାଶ ଏବଂ ସୁରକ୍ଷାର ବିଷୟବସ୍ତୁକୁ ନେଇ ସ୍ୱାଧୀନତା ପରେ ଭାରତର କେନ୍ଦ୍ର ଓ ରାଜ୍ୟ ସରକାର ଶିକ୍ଷାକୁ ସତର୍କତାର ସହ ବିଚାର ଦେବା କାର୍ଯ୍ୟ ଚାଲୁ ରଖିଛନ୍ତି । ଶିକ୍ଷା ପାଇଁ ବିଭିନ୍ନ



ଟିପ୍ପଣୀ

ଆୟୋଗ ଏବଂ କମିଟି ପ୍ରସ୍ତୁତ କରିଥିବା ସୁପାରିଶ ଏବଂ ଭାରତରେ ଭାଷା ଶିକ୍ଷା ନୀତିକୁ ମଧ୍ୟ ବୁଝିବା ଅତ୍ୟନ୍ତ ଜରୁରୀ ।

ଜାତୀୟ ଶିକ୍ଷା ନୀତି (୧୯୬୮) ଗ୍ରହଣ କରିଛି ଯେ ଶିକ୍ଷା ବିଷୟକ ଏବଂ ସାଂସ୍କୃତିକ ଅଗ୍ରଗତି ପାଇଁ ଭାରତୀୟ ଭାଷା ଓ ସାହିତ୍ୟର ବିକାଶ ହେଉଛି ଏକ ଆବଶ୍ୟକୀୟ ସର୍ତ୍ତ । ଯେପର୍ଯ୍ୟନ୍ତ ଏହା କାର୍ଯ୍ୟକାରୀ ହୋଇନାହିଁ ଶିକ୍ଷାର୍ଥୀମାନଙ୍କର ସୃଜନ୍ୟ ଶକ୍ତିର ବ୍ୟବହାର କରିହେବନାହିଁ । ଶିକ୍ଷାର ମର୍ଯ୍ୟାଦାରେ ଉନ୍ନତି ହୋଇପାରିବ ନାହିଁ । ବିଦ୍ୟା / ବିଦ୍ୱାନ (Academic) ଏବଂ ସାଧାରଣ ଲୋକ ମଧ୍ୟରେ ଥିବା ବ୍ୟବଧାନକୁ କମାଇ ହେବନାହିଁ ।

ବର୍ତ୍ତମାନ ବହୁତ ବର୍ଷ ପାଇଁ ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀଗୁଡିକରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ ରୂପେ ବ୍ୟବହାର କରିବା ପାଇଁ ଉତ୍ସାହିତ କରାଯାଇଛି । ଏହା ମଧ୍ୟ କୁହାଯାଇଛି ଯେ ରାଜ୍ୟ ସରକାର ମାଧ୍ୟମିକ ଶ୍ରେଣୀକକ୍ଷରେ ତିନି-ଭାଷା ସୂତ୍ର ବାଧ୍ୟତାମୂଳକ କରିବା ଦରକାର । ତେଣୁ ପିଲାମାନେ ମାଧ୍ୟମିକ ସ୍ତରରେ ୩ଟି ଭାଷା ଶିଖିପାରିବେ ।

ଭାଷାର ବିକାଶ ବିଷୟରେ କହିବା ସମୟରେ, ଜାତୀୟ ଶିକ୍ଷାନୀତି (୧୯୮୬, ଜାତୀୟ ଶିକ୍ଷା ନୀତି (୧୯୬୮) କୁ ଗ୍ରହଣ କରିଛି ଏବଂ ଅର୍ଥପୂର୍ଣ୍ଣ ଓ କ୍ଷିପ୍ରଗତି ସହିତ ଏହାର କାର୍ଯ୍ୟ ସମ୍ପାଦନା କରିବା ଆବଶ୍ୟକ । ଏହି ବିଷୟବସ୍ତୁରେ ରାମମୂର୍ତ୍ତି କମିଟି(୧୯୯୦), ଜାତୀୟ ଶିକ୍ଷାନୀତି ୧୯୮୬ କୁ ସମୀକ୍ଷା କରିଛନ୍ତି ଏବଂ ଗୁରୁତ୍ୱର ସହିତ ମନ୍ତବ୍ୟ ଦେଇଛନ୍ତି ଯେ ଗ୍ରାମାଞ୍ଚଳର ପିଲାମାନେ ଉଚ୍ଚଶିକ୍ଷାକୁ ପ୍ରବେଶ କରିନପାରିବାର ପ୍ରଧାନ କାରଣ ହେଉଛି ଇଂରାଜୀ ଭାଷାର ଆଧିପତ୍ୟର ବିସ୍ତାର । ତେଣୁ ଏହି ସମୟର ଆବଶ୍ୟକତା ଏହିକିଯେ ପ୍ରତ୍ୟେକ ସ୍ତରରେ ଆଞ୍ଚଳିକ ଭାଷାକୁ ଶିକ୍ଷାର ମାଧ୍ୟମ ଭାବେ ଉତ୍ସାହିତ କରିବା ।

ଜାତୀୟ ପାଠ୍ୟକ୍ରମ ରୂପରେଖ (୨୦୦୫) ଅନୁସାରେ ଭାଷା ଶିକ୍ଷା ପାଇଁ ଅନ୍ତର୍ନିହିତ ଶକ୍ତି ପ୍ରତ୍ୟେକ ଶିକ୍ଷାର୍ଥୀଙ୍କ ମଧ୍ୟରେ ଅଛି । ଅଧିକାଂଶ ଶିକ୍ଷାର୍ଥୀ ବିଦ୍ୟାଳୟକୁ ପ୍ରବେଶ କରିବା ପୂର୍ବରୁ ମଧ୍ୟ ଭାଷାର ବିଭିନ୍ନ ପ୍ରକାରର ଏବଂ ନିୟମକୁ ନିଜେ ଶିଖିଥାନ୍ତି ଏବଂ ଯେତେବେଳେ ସେମାନେ ବିଦ୍ୟାଳୟକୁ ଯିବା ଆରମ୍ଭ କରନ୍ତି ୨/୩ ଭାଷା ବୁଝିବା ଏବଂ କହିପାରନ୍ତି ।

ଏହି ପାଠ୍ୟକ୍ରମ ରୁପରେଖ ତ୍ରିଭାଷୀ ସୂତ୍ରର ଫଳପ୍ରଦ କାର୍ଯ୍ୟ ସମ୍ପାଦନ ପାଇଁ କହିଛନ୍ତି । ପିଲାମାନଙ୍କର ମାତୃଭାଷା ସହିତ ଅନ୍ତର୍ଭୁକ୍ତ ଆଦିବାସୀ ଭାଷାକୁ ଶିକ୍ଷାର ମାଧ୍ୟମ ଭାବେ ବ୍ୟବହାର ପାଇଁ ଗ୍ରହଣ କରିବା ଉପରେ ମଧ୍ୟ ଏଠାରେ ଗୁରୁତ୍ୱ ଦିଆଯାଇଛି । ଭାରତୀୟ ସମାଜର ବହୁଭାଷୀ ଚରିତ୍ର ଗୋଟିଏ ସମ୍ମାନ କି ପ୍ରତ୍ୟେକ ପିଲାମାନଙ୍କର ବହୁଭାଷୀ ପାରଦର୍ଶିତାର ବିକାଶ କରିବା ଉପରେ ଧ୍ୟାନ ଦେବା ଆବଶ୍ୟକ । ଇଂରାଜୀରେ ପାରଦର୍ଶିତା ଏହି ଗୃହୀତ ପ୍ରସ୍ତାବର ଏକ ଅଂଶ ଅଟେ । ଏହା

କେବଳ ସମ୍ଭବ ହୋଇପାରିବ ଯଦି ଭାଷା ଶିକ୍ଷଣ ପଦ୍ଧତି / ପ୍ରକ୍ରିୟା ମାତୃଭାଷାର ବ୍ୟବହାର ଉପରେ ଆଧାରିତ ହେବ ।

ଦ୍ୱିଭାଷୀକରଣ ବା ବହୁଭାଷୀକରଣର ନିଶ୍ଚିତଭାବେ ବୌଦ୍ଧିକ ଶକ୍ତିର ବିକାଶ ପାଇଁ ସୁବିଧା ଅଛି । ଆମର ଭାଷାଗତ ଆହ୍ୱାନ (Challenges) ଏବଂ ସୁଯୋଗ ଗୁଡିକ ସହିତ କାର୍ଯ୍ୟ ସମ୍ପାଦନ କରିବାକୁ ତ୍ରିଭାଷୀ ସୂତ୍ର ଏକ ଫଳପ୍ରଦ ଉଦ୍ୟମ । ଏହା ହେଉଛି ଏକ କୌଶଳ ଯାହ ବିଭିନ୍ନ ପ୍ରକାରର ଭାଷା ଶିକ୍ଷଣ ପାଇଁ ପଥ ପ୍ରସ୍ତୁତ କରିଛି ।

**ନିଜ ପ୍ରଗତିକୁ ପରଖି ଦେଖ: ୬**

(ନିମ୍ନୋକ୍ତ ମଧ୍ୟରୁ ଏକ ଉତ୍ତର ଦୁଇଟି ଚିହ୍ନ ଦ୍ୱାରା ସୂଚାଅ)

୧. ଜାତୀୟ ଶିକ୍ଷା ନୀତି କେଉଁ ବର୍ଷ ପ୍ରକାଶ ପାଇଲା ?

(କ) ୧୯୬୮ (ଗ) ୧୯୯୦

(ଖ) ୧୯୮୬ (ଘ) ୧୯୯୨

୨. ତ୍ରିଭାଷୀ ସୂତ୍ର କ'ଣ ପ୍ରକାଶ କରେ ?

..................................................................................................

..................................................................................................

..................................................................................................

୩. ଭାରତୀୟ ଭାଷା ଏବଂ ସାହିତ୍ୟର ବିକାଶରୁ ଜାତୀୟ ଶିକ୍ଷାନୀତି ୧୯୬୮ କେଉଁ ସୁବିଧାଗୁଡିକବିଷୟରେ ଚିନ୍ତା କରିଛି ?

..................................................................................................

..................................................................................................

## ୨.୮ ସାରାଂଶ

- ବହୁଭାଷୀକରଣ ଭାରତୀୟ ଭାଷାଗତ ପରମ୍ପରାର ଏକ ସାମଗ୍ରିକ ଅଂଶ ଅଟେ ।
- ଉଭୟ ବ୍ୟକ୍ତିଗତ ଏବଂ ସାମାଜିକ ସ୍ତରରେ, ଭାରତ ପାଇଁ ବହୁଭାଷୀ ଏକ ସମସ୍ୟା ନୁହେଁ । ବାସ୍ତବିକ ଏହା ଏକ ସମ୍ବଳ ଏବଂ ଆମ ସାଂସ୍କୃତିକ ପ୍ରାଚୁର୍ଯ୍ୟର ଏକ ଅଭିବ୍ୟକ୍ତି ।
- ବହୁଭାଷୀକରଣ ହେଉଛି ଆମ ପାଇଁ ଏକ ସମ୍ବଳ କାରଣ ଯେଉଁ ଲୋକ ମାନେ ଗୋଟିଏ ଭାଷାଠାରୁ ଅଧିକ ଭାଷା ଜାଣିଛନ୍ତି ସେମାନେ କେବଳ ଯେ ଭାଷାର ନିପୁଣ ବ୍ୟବହାରକାରୀ ତାହା ନୁହେଁ ବରଂ ତାର ସମାଜ ଉପରେ ସେମାନଙ୍କ ମତ ମଧ୍ୟ ଆବେଗ ପ୍ରବଣ ।



ଟିପ୍ପଣୀ

- ଗୋଟିଏ ଦେଶ ଏକ ଭାଷୀକରଣ କିମ୍ବା ବହୁଭାଷୀକରଣ ପରିପେକ୍ଷୀରେ ସକରାମୂକ ସଂସ୍କୃତି ଏବଂ ମନୋଭାବର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ।
- ଯଦି ଆମର ଭାଷାରେ ଥିବା ବିଭିନ୍ନତା ପ୍ରତି ସକାରାତ୍ମକ ମନୋବୃତ୍ତି ରହିବ ତେବେ ଆମ ପରିବେଶରେ କଥିତ ସମସ୍ତ ଭାଷାର ସ୍ଥିତି ଏବଂ ବିକାଶରେ ଆମର ସହାୟତା ରହିବ । ଅନ୍ୟପକ୍ଷରେ, ଅନ୍ୟକୁ ଛାଡି ଆମ ନିଜର ଭାଷା ପ୍ରତି ଯଦି ଅସହିଷ୍ଣୁତା ଏବଂ ସଂକୀର୍ଣ୍ଣ ଚିନ୍ତାଧାରା ପୋଷଣ କରୁ ତେବେ ଏହା ମତାନ୍ତର ଏବଂ ଅସମ୍ମତିର କାରଣ ହେବ ।
- ଭାରତରେ ୪ଟି ବିଭିନ୍ନ ପ୍ରକାରର ଭାଷା ପରିବାରର ଅନ୍ତର୍ଭୁକ୍ତ ଭାଷାଗୁଡିକ କୁହାଯାଏ କିନ୍ତୁ ଆମେ ବର୍ତ୍ତମାନ ପର୍ଯ୍ୟନ୍ତ ଗୋଟିଏ ଭାଷାଗତ ଅଞ୍ଚଳରେ ରହିଛୁ ବୋଲି ଅନୁଭବ କରୁ ।
- ଭାଷା ବିଜ୍ଞକାରଙ୍କ ମତ ଅନୁସାରେ ଭାଷା ଓ ଉପଭାଷା ମଧ୍ୟରେ କୌଣସି ପ୍ରଭେଦ ନାହିଁ ।
- ହିନ୍ଦୀର ବୃଦ୍ଧି ପାଇଁ ଗଳ୍ପ, କବିତା, ଖେଳ, ଐତିହାସିକ ବିବରଣୀ (Historical Accounts), ସମୀକ୍ଷା, ଜୀବନଚରିତ, ଜୀବନ, ଭ୍ରମଣ ସାହିତ୍ୟ, ପ୍ରବନ୍ଧ, ହିସାବ ଡାଏରୀ (Diary Accounts), ବିବୃତି (Report) ଆଦି କାର୍ଯ୍ୟରେ ପ୍ରତ୍ୟେକର ଅବଦାନ ରହିଛି ।
- ଭାରତୀୟ ସଂଘର ଅଫିସ୍ ଭାଷା ଭାବେ ହିନ୍ଦୀକୁ ଘୋଷିତ କରାଯାଇଥିଲା ଏବଂ ୧୯୪୯ ସେପ୍ଟେମ୍ବର ୧୪ରେ ସମ୍ବିଧାନ ସଭାରେ ଇଂରାଜୀକୁ ସହଯୋଗୀ ଅଫିସ୍ ଭାଷାରୂପେ ଘୋଷିତ କରାଯାଇଥିଲା ।
- ଭାରତ ଭଳି ଏକ ବହୁଭାଷାଭାଷୀ ଦେଶରେ ଇଂରାଜୀକୁ ଏକ ସମଗ୍ର ବିଶ୍ୱ ସମଗ୍ର ଭାଷା କୁହାଯାଏ ।
- ତ୍ରିଭାଷୀ ସୂତ୍ର ହେଉଛି ଏକ କୌଶଳ ଯେଉଁଟା ଅନେକ ଭାଷା ଶିକ୍ଷଣ ପାଇଁ ପଥ ପ୍ରସ୍ତୁତ କରେ ।

## ୨.୯ ସହାୟକ ଗ୍ରନ୍ଥ ଓ ପ୍ରବନ୍ଧ ସୂଚୀ

Agnihotri, R. K. 2007. *Hindi: An Essential Grammer*.London: Routledge

Agnihotri R.K. 2007. *Towards a Pedagogical Paradigm Rooted in Multilinguality.* International Multilingual Research Journal, vol (2), 1 -10

Agnihotri, R.K. and Vandyopadhyay, p. K. 2000 (ed) *Bha:Sha:Bahudha:Shita:Aur Hindi*, New Delhi: *Shilalekh*



ଟିପ୍ପଣୀ



Agnihotri, *R K. And Kumar, Sanjay. 2001. Bha:Sha, Boli Aur Samaaj: Ek Antah Samvaad.* New Delhi*: Deshkaal*

Agrawal, J. C. 2006. *Rashtriya Shikshaa Niti*. New Delhi; prabhat

Bhatia, Kailash Chandra. 1989. *Bharatiya Bhashayen*, New Delhi: Prabhat

National Curriculum Framework (NCF). 2005. New Delhi, NCERT

www.languageinindia.com/april2004/katmandupaper

1. HTML Accessed on November 2011

## ୨.୧୦ ପାଠାନ୍ତ ପ୍ରଶ୍ନାବଳୀ

୧. ଭାରତର ଭାଷାଗତ ବିବିଧତା ବିଷୟରେ ନିଜ ଭାଷାରେ ବର୍ଣ୍ଣନା କର ।

୨. ବହୁଭାଷୀ ସ୍ଥିତି ଭାରତ ପାଇଁ ଗୋଟିଏ ସମସ୍ୟା ନୁହେଁ, ବରଂ ଏକ ସମ୍ବଳ-ବ୍ୟାଖ୍ୟା କର ।

୩. କେଉଁ ଭାଷା ପରିବାର ଗୁଡିକ ଭାରତରେ ଅବସ୍ଥିତ ?

୪. ଭାରତ ଗୋଟିଏ ଭାଷାଗତ ଅଞ୍ଚଳ କିପରି ? ବ୍ୟାଖ୍ୟା କର ।

୫. ଗୋଟିଏ ଭାଷାକୁ ପୁରାତନ ଶାସ୍ତ୍ରୀୟ ଭାଷା ଭାବେ ଘୋଷିତ କରିବା ପାଇଁ କେଉଁ କେଉଁ ପରିମାପର ବ୍ୟବହାର କରାଯାଏ ?

୬. ହିନ୍ଦୀ ସାହିତ୍ୟର ବିକାଶ ପାଇଁ ବ୍ରଜ, ମୈଥିଳି ଏବଂ ଅୱଧିର ଯଥେଷ୍ଟ ଅବଦାନ ରହିଛି। ଏହି ଉକ୍ତି ସପକ୍ଷରେ ଏବଂ ବିପକ୍ଷରେ ନିଜର ମତ ପ୍ରଦାନ କର ।

୭. ସମୀକ୍ଷା, ଜୀବନୀ, ଆତ୍ମଜୀବନୀ, ଚରିତ୍ର ଚିତ୍ରଣ, ବିବୃତି, ହିସାବ ଡାଏରୀ, ଭ୍ରମଣ ସାହିତ୍ୟ, ଖେଳ, ପ୍ରବନ୍ଧ ଇତ୍ୟାଦିଙ୍କର ସାହିତ୍ୟର ବିକାଶ ପାଇଁ ଅବଦାନ ରହିଛି । –ଏହା ସଂପର୍କରେ ନିଜର ମତାମତ ଦିଅ ।